Postal Regd.No.
BGR-02/2018-20
KOSHALA PRABAHA
# କୋଶଳ ପ୍ରବାହ
ବର୍ଷ - ୨୧ ■ ସଂଖ୍ୟା - ୦୪
Volum.-21 ■ Issue No.- 04
Sunday ■ Balangir
ରବିବାର ■ ବଲାଙ୍ଗିର
www.koshalaprabaha.com
R.N.I.No.: ODIODI/2000/03637 ● ୨୯ ନଭେମ୍ବର - ୦୪ ଡିସେମ୍ବର ୨୦୨୦ ● 29 Nov. - 05 Dec. 2020 ● Odia Weekly ● 8 Pages, Rs.2/- only

## ଘରୋଇ ଟିଭି ଚ୍ୟାନେଲଗୁଡିକ ପାଇଁ ସରକାରଙ୍କ ମାର୍ଗଦର୍ଶିକା

* ଅନଲାଇନ ଗେମିଂ ଓ ଫାଣ୍ଟାସି ସ୍ପୋର୍ଟସ କ୍ଷେତ୍ରରେ ଏଏସସିଆଇର ଦିଶାନିର୍ଦ୍ଦେଶ ପାଳନ କରାଯାଉ
* ଏପରି ସମସ୍ତ ବିଜ୍ଞାପନରେ ବାଧ୍ୟତାମୂଳକ ଭାବେ ସତର୍କ ସୂଚନା ଦେଖାଇବାକୁ ନିର୍ଦ୍ଦେଶ

ନୂଆଦିଲ୍ଲୀ, (ପିଆଇବି) : ଘରୋଇ ଟିଭି ଚ୍ୟାନେଲରେ ପ୍ରଦର୍ଶିତ ହେଉଥିବା ଅନଲାଇନ ଗେମିଂ, ଫାଣ୍ଟାସି ସ୍ପୋର୍ଟସ ଆଦି ସହିତ ଜଡିତ ସମସ୍ତ ବିଜ୍ଞାପନରେ ଭାରତୀୟ ବିଜ୍ଞାପନ ମାନକ ପରିଷଦ (ଏଏସସିଆଇ) ପକ୍ଷରୁ ଜାରି କରାଯାଇଥିବା ଦିଶାନିର୍ଦ୍ଦେଶ ପାଳନ କରିବା ଲାଗି ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ପକ୍ଷରୁ ଏକ ମାର୍ଗଦର୍ଶିକା ଜାରି କରାଯାଇଛି । ସମସ୍ତ ଘରୋଇ ଟିଭି ଚ୍ୟାନେଲକୁ ଏହି ମାର୍ଗଦର୍ଶିକାର ପାଳନ କରିବା ଲାଗି କୁହାଯାଇଛି । ବିଧି ଓ ଆଇନ ଦ୍ୱାରା ନିଷିଦ୍ଧ କୌଣସି ପ୍ରକାରର ଗତିବିଧିକୁ ଏପରି ବିଜ୍ଞାପନ ପ୍ରୋତ୍ସାହିତ କରିବା ଅନୁଚିତ ବୋଲି ମନ୍ତ୍ରଣାଳୟ ପକ୍ଷରୁ ପରାମର୍ଶ ଦିଆଯାଇଛି ।


ଏହି ମାର୍ଗଦର୍ଶିକାରେ କୁହାଯାଇଛି ଯେ ଅନଲାଇନ ଗେମିଂ, ଫାଣ୍ଟାସି ସ୍ପୋର୍ଟସ ଆଦି ଉପରେ ବହୁସଂଖ୍ୟକ ବିଜ୍ଞାପନ ଟେଲିଭିଜନ ଚ୍ୟାନେଲରେ ପ୍ରଦର୍ଶିତ ହେଉଥିବା ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ଦୃଷ୍ଟିକୁ ଆସିଛି । ଏ ସମ୍ପର୍କରେ ଚିନ୍ତା ବ୍ୟକ୍ତ କରାଯାଇଛି ଯେ ଏପରି ବିଜ୍ଞାପନ ଭ୍ରମାତ୍ମକ ପ୍ରତୀୟମାନ ହେଉଛି, ଗ୍ରାହକମାନଙ୍କୁ ଏହା ସହ ଜଡିତ ଆର୍ଥିକ ଓ ଅନ୍ୟ ବିପଦ ବିଷୟରେ କୁହାଯାଉନାହିଁ । ତେଣୁ କେବୁଲ ଟେଲିଭିଜନ ନେଟୱର୍କ (ନିୟାମକ) ଆଇନ, ୧୯୯୫ ଏବଂ ଉପଭୋକ୍ତା ସଂରକ୍ଷଣ ଆଇନ, ୨୦୧୯ ଅନ୍ତର୍ଗତ ନିର୍ଦ୍ଧାରିତ ବିଜ୍ଞାପନ କୋଡକୁ ଏଥିରେ କଡାକଡି ଭାବେ ପାଳନ କରାଯାଇନାହିଁ ବୋଲି ମାର୍ଗଦର୍ଶିକାରେ କୁହାଯାଇଛି ।

ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଦ୍ୱାରା ଆୟୋଜିତ ପରାମର୍ଶ ବୈଠକ ପରେ ଏହି ମାର୍ଗଦର୍ଶିକା ଜାରି କରାଯାଇଛି । ଏଥିରେ ଉପଭୋକ୍ତା ବ୍ୟାପାର ମନ୍ତ୍ରଣାଳୟ, ଏଏସସିଆଇ, ନ୍ୟୁଜ ବ୍ରଡକାଷ୍ଟର୍ସ ଆସୋସିଏସନ, ଇଣ୍ଡିଆନ ବ୍ରଡକାଷ୍ଟିଂ ଫାଉଣ୍ଡେସନ, ଅଲଇଣ୍ଡିଆ ଗେମିଂ ଫେଡରେସନ, ଫେଡରେସନ ଅଫ ଇଣ୍ଡିଆନ ଫାଣ୍ଟାସି ସ୍ପୋର୍ଟ୍ସ ଏବଂ ଅନଲାଇନ ରମ୍ମି ଫେଡରେସନର ପ୍ରତିନିଧିମାନେ ଅଂଶଗ୍ରହଣ କରିଥିଲେ ।

ଏଏସସିଆଇର ଗାଇଡଲାଇନ ଅନୁଯାୟୀ, ଏପରି ପ୍ରତ୍ୟେକ ଗେମିଂ ବିଜ୍ଞାପନ ସହିତ ସତର୍କ ସୂଚନା ରହିବା ଆବଶ୍ୟକ "ଏହି ଗେମରେ ଆର୍ଥିକ ବିପଦର ଏକ ତତ୍ତ୍ୱ ସାମିଲ ରହିଛି ଏବଂ ଏହାର ନିଶା ମଧ ହୋଇପାରେ । ଦୟାକରି ଉତ୍ତର ଦାୟିତ୍ୱର ସହ ଏବଂ ନିଜର ରିସ୍କ ଅନୁଯାୟୀ ହିଁ ଏହାକୁ ଖେଳନ୍ତୁ" । ଏପରି ଚେତାବନୀକୁ ବିଜ୍ଞାପନରେ ଅତିକମରେ ୨୦ ପ୍ରତିଶତ ସ୍ଥାନ ଦେବା ଆବଶ୍ୟକ । ଏହି ଦିଶାନିର୍ଦ୍ଦେଶରେ ଏହା ମଧ କୁହାଯାଇଛି ଯେ ଗେମିଂ ବିଜ୍ଞାପନରେ ୧୮ ବର୍ଷରୁ କମ ବୟସର ୟୁଜର୍ସ ପାଇଁ "ଅସଲ ଟଙ୍କା ଜିତିବା ଲାଗି ଅନଲାଇନ ଗେମିଂ" ଖେଳ ଖେଳିବା ବୋଲି ଦର୍ଶାଯାଇ ପାରିବନାହିଁ । ଏହା ମଧ ଦର୍ଶାଯାଇପାରିବ ନାହିଁ ଯେ ଏପରି ୟୁଜର୍ସ ଏହି ଗେମ ଖେଳିପାରିବେ । ଅନଲାଇନ ଗେମିଂ ରୋଜଗାରର ବିକଳ୍ପ ପ୍ରଦାନ କରିଥାଏ ଏବଂ ଏଗୁଡିକୁ ଖେଳୁଥିବା ଲୋକ ଅନ୍ୟମାନଙ୍କ ଠାରୁ ଅଧିକ ସଫଳ ହୋଇଥାନ୍ତି ବୋଲି ମଧ ବିଜ୍ଞାପନରେ ଦର୍ଶାଯାଇ ପାରିବନାହିଁ ।

ସୂଚନାଯୋଗ୍ୟ ଯେ ଭାରତୀୟ ବିଜ୍ଞାପନ ମାନକ ପରିଷଦ (ଏଏସସିଆଇ) ୧୯୮୫ରେ ପ୍ରତିଷ୍ଠା ହୋଇଥିଲା । ଏହା ଭାରତରେ ବିଜ୍ଞାପନ ଉଦ୍ୟୋଗଗୁଡିକ ପାଇଁ ମୁମ୍ବାଇସ୍ଥିତ ସ୍ୱନିୟାମକ ସ୍ୱଚ୍ଛାକୃତ ସଂଗଠନ ଅଟେ । ଏହାର ଉଦ୍ଦେଶ୍ୟ ହେଉଛି ବିଜ୍ଞାପନ ସ୍ୱ-ନିୟନ୍ତ୍ରଣକୁ ଏହାର କୋଡ ଅନୁରୂପ କରିବା । କେବୁଲ ଟେଲିଭିଜନ ନେଟୱର୍କ (ନିୟାମକ) ଆଇନ, ୧୯୯୫ ଅନ୍ତର୍ଗତ ଟେଲିଭିଜନ ନେଟୱର୍କଗୁଡିକ ଲାଗି ଏଏସସିଆଇ ଦ୍ୱାରା ନିର୍ଦ୍ଧାରିତ ବିଜ୍ଞାପନ କୋଡକୁ ପାଳନ କରିବା ବାଧ୍ୟତାମୂଳକ ଅଟେ ।

## ପ୍ରଥମେ ୧ କୋଟି ସ୍ୱାସ୍ଥ୍ୟ କର୍ମୀଙ୍କୁ ଦିଆଯିବ କରୋନା ଟୀକା




ନୂଆଦିଲ୍ଲୀ : କରୋନା ଯୁଦ୍ଧରେ ଉଭୟ ସରକାରୀ ତଥା ବେସରକାରୀ କ୍ଷେତ୍ରରେ କାର୍ଯ୍ୟରତ ଥିବା ପ୍ରାୟ ଏକ କୋଟି ସ୍ୱାସ୍ଥ୍ୟ କର୍ମୀଙ୍କୁ ଏବଂ ପରେ ପ୍ରାୟ ଦୁଇ କୋଟି ଫ୍ରଣ୍ଟ ଲାଇନ୍ କର୍ମଚାରୀଙ୍କୁ କରୋନା ପ୍ରଥମେ ଟୀକା ଦିଆଯିବ ବୋଲି କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ତରଫରୁ ଆୟୋଜିତ ସର୍ବଦଳୀୟ ବୈଠକରେ ଘୋଷଣା କରାଯାଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସର୍ବ ଦଳୀୟ ବୈଠକରେ କେନ୍ଦ୍ର ସ୍ୱାସ୍ଥ୍ୟ ସଚିବ ରାଜେଶ ଭୂଷଣ ଏହି ସୂଚନା ଦେଇଛନ୍ତି ।

## ମୁରିବାହାଲ ବନବିଭାଗର ରେଞ୍ଜର ଏବେ ଭିଜିଲାନ୍ସ ପନ୍ଝାରେ



ଟିଟିଲାଗଡ, (ନିପ୍ର) : ପୁଣି ଭିଜିଲାନ୍ସ ଜାଲରେ କୋଟିପତି ସରକାରୀ ଅଧିକାରୀଙ୍କ ଧରପଗଡ଼ ବେଶ୍ ସରଗରମ୍ ହୋଇ ଉଠୁଛି । ବଲାଙ୍ଗିର ଜିଲ୍ଲାରେ ଗୋଟିଏ ପରେ ଗୋଟିଏ ସରକାରୀ ଅଧିକାରୀ, କର୍ମଚାରୀ ଏବେ ଭିଜିଲାନ୍ସ ଜାଲରେ ଛନ୍ଦି ହୋଇପଡୁଛନ୍ତି । ଏଥର ଭିଜିଲାନ୍ସ ଜାଲରେ ଜଣେ ବନବିଭାଗର ରେଞ୍ଜର ପଡ଼ିଛନ୍ତି । ବଲାଙ୍ଗିର ଜିଲ୍ଲା ମୁରିବାହାଲ ବନଖଣ୍ଡର ରେଞ୍ଜର ପ୍ରଶାନ୍ତ କୁମାର ନାଏକଙ୍କ ଘରେ ଭିଜିଲାନ୍ସ ରେଡ୍ । କୋଟି କୋଟି ଟଙ୍କାର ମାଲିକ ସାଜିଥିବା ଏହି ଅଧିକାରୀଙ୍କ ଘରେ ଭିଜିଲାନ୍ସର ଟିମ ରେଡ୍ କରିଛନ୍ତି । ଚାଲିଥିଲା ଜୋରଦାର୍ ତନାଘନା । ଗୋଟି ଗୋଟି କରି ଚାଲିଥିଲା ନଥିପତ୍ର ଯାଂଚ, ବ୍ୟାଙ୍କ ଆକାଉଂଟ ଠୁ ନେଇ ଏଲଆଇସି ବଣ୍ଡ ଯାଏ, ଜମି ବାଡ଼ି କାଗଜପତ୍ର ଠୁ ନେଇ ବିଭିନ୍ନ ଦଲିଲ୍ ପର୍ଯ୍ୟନ୍ତ ଚାଲିଥିଲା ସର୍‌ଜମିନ୍ ତଦନ୍ତ । କେତେବେଳେ କୋଠାବାଡିକୁ ମାପ କରାଯାଉଥିଲା ତ ପୁଣି କେତେବେଳେ ଗାଡିମାନଙ୍କ ଦସ୍ତାବେଜକୁ ନେଇ ମାରାଥନ ଜେରା । ଟିଟିଲାଗଡ଼ ସହର ହାଟପଦାପଡାରେ ଥିବା ମୁରିବାହାଲ ବନଖଣ୍ଡ ଅଧିକାରୀ ପ୍ରଶାନ୍ତ

(ସପ୍ତମ ପୃଷ୍ଠା ଦେଖନ୍ତୁ)

## ବନ୍ଦେ ଉତ୍କଳ ଜନନୀକୁ ରାଜ୍ୟ ସଂଗୀତର ମର୍ଯ୍ୟାଦା ଦେବା ଓ ଶିକ୍ଷା ପାଠ୍ୟକ୍ରମରେ ତାହାକୁ ସାମିଲ୍ କରିବାର ନିଷ୍ପତ୍ତିକୁ ତୁରନ୍ତ ପ୍ରତ୍ୟାହାର ଦାବୀରେ କୋସଲ ରାଜ୍ୟ ସମନ୍ୱୟ ସମିତିର ବିକ୍ଷୋଭ




ବଲାଙ୍ଗିର, (ନିପ୍ର) : ପୂର୍ବ ଘୋଷିତ କାର୍ଯ୍ୟକ୍ରମ ଅନୁଯାୟୀ ବଲାଙ୍ଗିର ଠାରେ ବନ୍ଦେ ଉତ୍କଳ ଜନନୀକୁ ରାଜ୍ୟ ସଂଗୀତର ମର୍ଯ୍ୟାଦା ଦେବା ଓ ଶିକ୍ଷା ପାଠ୍ୟକ୍ରମରେ ସାମିଲ କରିବା ନିଷ୍ପତ୍ତିକୁ ତୁରନ୍ତ ପ୍ରତ୍ୟାହାର ଦାବୀରେ କୋସଲ ରାଜ୍ୟ ସମନ୍ୱୟ ସମିତି ତରଫରୁ ସ୍ଥାନୀୟ ଜିଲ୍ଲାପାଳ କାର୍ଯ୍ୟାଳୟ ଠାରେ ବିକ୍ଷୋଭ ପ୍ରଦର୍ଶନ ସହ ଦାବୀପତ୍ର ପ୍ରଦାନ କରାଯାଇଛି । କୋଭିଡ୍ କଟକଣାକୁ ଆଖି ଆଗରେ ରଖି ଓ ସମାଜିକ ଦୂରତ୍ୱ ଅବଲମ୍ବନ କରି ବହୁ ବୁଦ୍ଧିଜିବୀ, ସାମାଜିକ ସଂଗଠନ ଓ ଯୁବ ସଂଗଠକ ଏହି କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ ।

କୋସଲ ରାଜ୍ୟ ସମନ୍ୱୟ ସମିତିର କେନ୍ଦ୍ରୀୟ ଅଧକ୍ଷ ପ୍ରମୋଦ କୁମାର ମିଶ୍ରଙ୍କ ନେତୃତ୍ୱରେ ତଥା ସଂଗଠନର ବଲାଙ୍ଗିର ଜୋନ ସଂଗଠକ ଶରତ ହୋତାଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସଂଗଠନର ବରିଷ୍ଠ ନେତା ବିକ୍ରମାନନ୍ଦ ବହିଦାର, କେନ୍ଦ୍ରୀୟ ଉପାଧ୍ୟକ୍ଷ ମନୋରଂଜନ ସାହୁ, ସାଧାରଣ ସଂପାଦକ ବିଭୁଦତ୍ତ ମିଶ୍ର, ବରିଷ୍ଠ ଶିକ୍ଷାବିତ୍ ଗୋପଭୂଷଣ ନାଥ, ବରିଷ୍ଠ ନାଗରିକ ମନୋରଂଜନ ମିଶ୍ର, ବିଶିଷ୍ଟ ଶ୍ରମିକ ନେତା ରବି ଶଙ୍କର ମିଶ୍ର, ବିଶିଷ୍ଟ କୋସଲବାଦୀ ନେତା ରଣରାଜ ସିଂଦେଓ, ବରିଷ୍ଠ ନାଗରିକ ଗୋବର୍ଦ୍ଧନ ପାଣ୍ଡିଆ, ନାରୀ ନେତ୍ରୀ ନିରୁପମା ଉଦ୍‌ଗାତା, ବନଲତା ମାଝି, ଯୁବ ସଂଗଠକ ରିଲୁ ରଥ, ବିନୋଦ କାଲସାଏ, ବନମାଲି ନାଏକ, ଗିରିରାଜ ଡାଙ୍ଗ, ରବି ଖମାରୀ, ସଂଜୟ ସାହୁ, କର୍ମଚ଼ରୀ ନେତା ଜ୍ୟୋତି ରଂଜନ ମହାନ୍ତି ତଥା ଅବସରପ୍ରାପ୍ତ ସୈନିକ ସଂଗଠନର ବହୁ କର୍ମକର୍ତ୍ତା ଯୋଗଦାନ କରିଥିଲେ ।

ଉପସ୍ଥିତ ଜନ ସାମାଗମକୁ ଉଦ୍‌ବୋଧନ ଦେଇ କେନ୍ଦ୍ରୀୟ ଅଧକ୍ଷ ଶ୍ରୀ ମିଶ୍ର ଆଗାମୀ ଏକ ମାସ ମଧରେ ରାଜ୍ୟ ସରକାର ଉପରୋକ୍ତ ନିଷ୍ପତ୍ତି ସବୁ ପ୍ରତ୍ୟାହାର ନ କଲେ ଦ୍ୱିତୀୟ ପର୍ଯ୍ୟାୟ ଆନ୍ଦୋଳନ ହେବ ବୋଲି ଚେତାବନୀ ଦେଇଥିଲେ । ବିକ୍ଷୋଭ ଶେଷରେ ଏକ ପ୍ରତିନିଧି ମଣ୍ଡଳୀ ଜିଲ୍ଲାପାଳଙ୍କ ସହ ଆଲୋଚନା କରି ଦାବୀପତ୍ର ପ୍ରଦାନ କରିଥିଲେ ।

## ବେଆଇନ ଗୋରୁ ଚାଲାଣ ରୀତିମତ ଚାଲିଛି : ପ୍ରଶାସନ ଚୁପ୍



ଟିଟିଲାଗଡ, (ନିପ୍ର) : ଗୋରୁ ଚାଲାଣ ଉପରେ ସରକାର ରୋକ୍ ଲଗାଇଛନ୍ତି । କିନ୍ତୁ କମି ନାହିଁ ଗୋଚାଲାଣ । ଆଜି ମଧ ବେଧଡକ ଚାଲିଛି ଗୋଚାଲାଣ । ଟିଟିଲାଗଡ ନିକଟସ୍ଥ ସିହିନୀ ଗ୍ରାମ ଦେଇ ପ୍ରତି ଶନିବାର ସକାଳୁ ଚାଲି ଚାଲି ଯାଉଛନ୍ତି ହଜାର ହଜାର ଗାଈ । ଗାଈଗୁଡିକ କେଉଁଠୁ ଆସୁଛନ୍ତି ଆଉ କେଉଁ ପର୍ଯ୍ୟନ୍ତ ଯିବେ, ସେଇଟା କେହି ଜାଣନ୍ତି ନାହିଁ । ଖୋଦ୍ ଗାଈମାନଙ୍କୁ ନେଇ ଯାଉଥିବା ଲୋକମାନେ ମଧ ଜାଣନ୍ତି ନାହିଁ ବୋଲି କହିଛନ୍ତି । ଗାଈମାନଙ୍କୁ ନେଇ ଯାଇଥିବା ଲୋକମାନେ କହନ୍ତି, ସେମାନେ କଂଟାବାଞ୍ଜିରୁ ନେଇ ଆସୁଛନ୍ତି ଏବଂ ତାଙ୍କୁ ଅନ୍ୟପଟୁ ଆସୁଥିବା ଲୋକମାନେ ହସ୍ତାନ୍ତର କରନ୍ତି । ସେମାନଙ୍କ ଦାୟିତ୍ୱ ହେଲା ମୁନିଗୁଡ଼ା ପର୍ଯ୍ୟନ୍ତ ଗାଈମାନଙ୍କୁ ପହଂଚାଇବା । ସେହି ଗୋଚାଳକ କହନ୍ତି, ଗାଈଗୁଡିକ ପ୍ରାୟ ଛତିଶଗଡ ଅଂଚଳରୁ ଚାଲାଣ ହୋଇ ଆନ୍ଧ୍ରପ୍ରଦେଶ ପର୍ଯ୍ୟନ୍ତ ଯାଉଛନ୍ତି । କିଛି ବ୍ୟକ୍ତି ଛତିଶଗଡ ଓ ଓଡ଼ିଶା ସୀମା ପାର କରେଇ ଦେଇ ଅନ୍ୟ ସମ୍ପୃକ୍ତ ବ୍ୟକ୍ତିଙ୍କୁ ହସ୍ତାନ୍ତର କରିଥାନ୍ତି । ଏହା ପରେ ସେମାନେ କଂଟାବାଞ୍ଜି ପର୍ଯ୍ୟନ୍ତ ଆଣି ଏହି ବ୍ୟବସାୟୀଙ୍କୁ ହସ୍ତାନ୍ତର କଲାପରେ ଏମାନେ କଂଟାବାଞ୍ଜିରୁ ଟିଟିଲାଗଡ ଅନ୍ତର୍ଗତ ସିହିନି ଗ୍ରାମ ଦେଇ ମୁନିଗୁଡ଼ା ପର୍ଯ୍ୟନ୍ତ ଗାଈମାନଙ୍କୁ ନେଇ ଯାଇଥାନ୍ତି । ଏହାପରେ ସେମାନେ ମୁନିଗୁଡାରୁ ଓଡ଼ିଶା ଓ ଆନ୍ଧ୍ରପ୍ରଦେଶ ସୀମା ପାର କରି ଅନ୍ୟମାନଙ୍କୁ ହସ୍ତାନ୍ତର କରନ୍ତି । ଏହା ପରେ କ'ଣ ହୁଏ ସେମାନେ ଜାଣନ୍ତି ନାହିଁ ବୋଲି କହିଛନ୍ତି । କିନ୍ତୁ ଚର୍ଚ୍ଚାର କଥା ଏହା ଯେ, ହଜାର ହଜାର ସଂଖ୍ୟାରେ ଗାଈ ଚାଲାଣ ହେଉଛି । କିନ୍ତୁ କ'ଣ ପ୍ରଶାସନର ଆଖି ପଡୁନାହିଁ ! ଆଖି ଏଡେଇ ଦେଉଛନ୍ତି ପ୍ରଶାସନ ବୋଲି ବୁଦ୍ଧଜୀବୀମାନେ ଚର୍ଚ୍ଚା କରୁଛନ୍ତି । ରାସ୍ତାରେ ଥିବା ସାଧାରଣ ଜନତା କେହି ଆପତ୍ତି କଲେ, ତାଙ୍କୁ କଳେ ବଳେ କୌଶଳେ ମାମଲାକୁ ରଫାଦଫା କରୁଥିବା ଗାଈ ନେଇ ଯାଉଥିବା ଲୋକମାନେ କହନ୍ତି । ଏପରିକି ଦରକାର ପଡ଼ିଲେ ଗାଈ ଗୋଟିଏ ଦୁଇଟି ମାଗଣାରେ ଦେଇ ମାମଲାକୁ ଦବେଇ ଦିଆଯାଏ ବୋଲି କହିଛନ୍ତି । ଏହି ଘଟଣା ପ୍ରତି ପ୍ରଶାସନ କ'ଣ ପଦକ୍ଷେପ ନେଉଛନ୍ତି ଆଗକୁ ଦେଖିବା ବାକି ରହିଲା । ଏ ଗାଈମାନଙ୍କୁ କେଉଁଠିକୁ, କାହିଁକି ନିଆଯାଉଛି, ଏ ସଂକ୍ରାନ୍ତରେ ପ୍ରଶାସନ ତତ୍ପର ହେବା ଏକାନ୍ତ ଆବଶ୍ୟକ ।

## ସଂପାଦକୀୟ

# ଗରିବ ହେବା ଦୌଡ଼ରେ....

ବ୍ଲକ୍ ବଡ଼ବାବୁ ଆଉ ସମ୍ଭାଳି ପାରିଲେ ନାହିଁ । କହି ପକେଇଲେ ଅଫିସ୍ ଆସୁ ଆସୁ ଗୁଡ଼ାଏ କଥା । ''ଆରେ ବାପ୍‌ରେ ! ଇଏ କି ଟଙ୍କାକିଆ ଚାଉଳ ସରକାର ଆରମ୍ଭ କଲେ ଯେ, ମଣିଷ ଆଉ ଶୋଇ ବସି ପାରୁନି । ସକାଳ ପାହିଲା ବେଳକୁ ଚାରି ଛ' ଜଣ ଲୋକ ଆସି ଘର ଆଗେ ଠିଆ । ସମସ୍ତଙ୍କର ସେଇ ଗୋଟିଏ କଥା...ଆଜ୍ଞା ମୁଁ ଖୁବ୍ ଗରିବ, ବିଡ଼ିଓ. ସାହେବଙ୍କୁ କହି ମତେ ବିପିଏଲ୍ କାର୍ଡ଼ ଖଣ୍ଡେ କରେଇ ଦିଅନ୍ତେ ଯଦି ଆପଣଙ୍କ ମଙ୍ଗଳ ହୁଅନ୍ତା । ଯା' ପରେ ଟିକିଏ ଧୀରେ ଧୀରେ କିଏ କେମିତି ଏଇୟା ବି କହୁଛନ୍ତି - ଯାହା ଖର୍ଚ୍ଚବାର୍ଚ୍ଚ ହେବ, ଆମେ ବୁଝିବୁ ଆଜ୍ଞା... ଟିକିଏ ଦୟା କରିବେ ।....'' ମୋ ଦ୍ୱାରା କିଛି ହେବନି, ତମେ ସବୁ ତମ ପଞ୍ଚାୟତ ଅଫିସ୍‌କୁ ଯାଇ ସେଇଠି କୁହ.... କହି କହି ମଣିଷ ଥକି ଗଲାଣି, ଅଥଚ କେହି କିଛି କଥା ଶୁଣିବାକୁ ନାରାଜ୍ ।''

ଆମ ସମାଜରେ ବର୍ତ୍ତମାନ ଏକ ବିରାଟ ପରିବର୍ତ୍ତନ ଲକ୍ଷ୍ୟ କରାଯାଉଛି । ଲୋକେ ଆଗ ନିଜକୁ ସମୃଦ୍ଧ କରିବା ପାଇଁ ଅଣ୍ଟା ଭିଡ଼ି ଲାଗି ପଡୁଥିଲେ । ଅଥଚ ଏବେ ଗରିବ ହେବା ଦୌଡ଼ରେ ଲୋକେ ସାମିଲ୍ ହେବାକୁ ଥା..ଥା... ମା..ମା... ହେଇ ଧାଉଁଛନ୍ତି । ସମସ୍ତଙ୍କ ଧାରଣା, ଗରିବ ବୋଲି ସାର୍ଟିଫିକେଟ୍ ଖଣ୍ଡେ (ବିପିଏଲ୍. କାର୍ଡ଼) ହାତେଇ ପାରିଲେ, କେତେ ଯେ ଲାଭ ତା'ର କଳନା ନାହିଁ । ସରକାରଙ୍କ ଘୋଷଣାରେ ଆଉ ବାଡ଼ବତା ନାହିଁ । ଆଗକୁ ନିର୍ବାଚନ । ନିର୍ବାଚନ ପୂର୍ବରୁ ଆଉ କେତେ କ'ଣ ଯେ ଗରିବଙ୍କ ପାଇଁ ଘୋଷଣା ନ ହେବ, କିଏ କହିବ ?

ଗରିବ ବୋଲି ସରକାରୀ ଖାତାରେ ଥରେ ନାଁ ଚଢ଼ିଗଲେ, ଟଙ୍କିଆ ଚାଉଳ ତ' ମାସକୁ ମାସ ମିଳିଯିବ । ଚାଉଳ ପାଇଁ ଆଉ ଟେନ୍‌ସନ୍ ନାଇଁ । ସେଥିରେ ପୁଣି ଗହମ ଅଛି, କିରୋସିନ ଅଛି, ସ୍ୱାସ୍ଥ୍ୟ ବୀମା ଅଛି... କେତେ କ'ଣ.... ? ଲୋକଙ୍କ ଭିତରେ ଗରିବ ହେବାକୁ ଗୋଟେ କଂପିଡ଼ିସନ୍ ଯେମିତି ଆରମ୍ଭ ହୋଇଯାଇଛି ।

ଉପରୋକ୍ତ ବିଷୟ ପ୍ରତି ଆମେ ଗୁରୁତ୍ୱ ଦେବାର ଅନେକ କାରଣ ରହିଛି । ସରକାର ଯଦି ବାସ୍ତବରେ ଗରିବମାନଙ୍କ ଅଣ୍ଟାରେ ଶକ୍ତି ଦେବାକୁ ଚାହାନ୍ତି, ସେମାନଙ୍କୁ ସ୍ୱାଭିମାନ ସହ ବଂଚିବା ପାଇଁ ରାସ୍ତା ଦେବାକୁ ଇଚ୍ଛା କରୁଥାନ୍ତି, ତେବେ ସେମାନଙ୍କ ଦୈନିକ ଆୟ ବୃଦ୍ଧି ଦିଗରେ ପଦକ୍ଷେପ ନେବା ନିହାତି ଆବଶ୍ୟକ । ଏଭଳି ଅନେକ ଯୋଜନା ଘୋଷଣା ଦ୍ୱାରା ସେମାନଙ୍କୁ ଜୀବନ ଜୀଇଁବା ପାଇଁ ତ' କିଛି ଖୋରାକ୍ ମିଳିଯାଇ ପାରିବ, କିନ୍ତୁ ସେମାନଙ୍କୁ ସଳଖ ହୋଇ ଠିଆ ହେବାକୁ ଅଣ୍ଟାରେ ବଫୁ ପାଇବ ନାହିଁ । ସେମାନଙ୍କୁ ସ୍ୱାଭିମାନ ସହ ବଂଚିବାକୁ ରାହା ମଧ୍ୟ ମିଳି ନପାରେ ।

ଏଣୁ କେବଳ ଗୁଡ଼ାଏ ଯୋଜନା ଘୋଷଣା କରି ଗରିବଙ୍କୁ ସହଯୋଗ ପ୍ରଦାନ ନାଁରେ ସେମାନଙ୍କ ବଳବୁଦ୍ଧି ବିନିଯୋଗର ରାସ୍ତାକୁ ବନ୍ଦ କରା ନଯାଇ, ସେମାନଙ୍କୁ ଆୟ ବଢ଼ାଇବା ଦିଗରେ ଉଚିତ ସୁଯୋଗ ସୃଷ୍ଟି ପାଇଁ ସରକାର ସୁପଦକ୍ଷେପ ନେଲେ ଲୋକେ ଉପକୃତ ହୋଇପାରନ୍ତେ ।

ଗରିବଙ୍କୁ ସହଯୋଗ ପ୍ରଦାନ କରିବା ସରକାରଙ୍କ ପ୍ରଧାନ କର୍ତ୍ତବ୍ୟ । କିନ୍ତୁ ସେମାନଙ୍କ ଆତ୍ମନିର୍ଭର କରିବା ଅତ୍ୟନ୍ତ ଆବଶ୍ୟକ ନିହାତି । ଗରିବଙ୍କୁ ଗରିବୀରୁ ତ୍ରାହି କରିବାକୁ ହେଲେ ସେମାନଙ୍କୁ ଆତ୍ମନିର୍ଭର କରିବା ଅତ୍ୟନ୍ତ ଆବଶ୍ୟକ । କେବଳ ଚାଉଳ, ଡାଲି, ଗହମ, କିରୋସିନ ଯୋଗାଇ ଦେଲେ ସେମାନେ ଆତ୍ମନିର୍ଭର ହେବେ ନାହିଁ । ଏଥିପାଇଁ ବିଭିନ୍ନ ଯୋଜନା କରାଯାଇ ସେମାନଙ୍କୁ ଆତ୍ମନିର୍ଭର କରିବା ଏକାନ୍ତ ଅପରିହାର୍ଯ୍ୟ । ସରକାରଙ୍କ ପକ୍ଷରୁ ଅନେକ ଯୋଜନା ପ୍ରଣୟନ ହେଉଛି । ଅଥଚ ଯୋଜନା କାର୍ଯ୍ୟକାରୀ ଦିଗରେ ସରକାରଙ୍କ କଡ଼ା ପଦକ୍ଷେପର ଆବଶ୍ୟକତା ଦେଖାଦେଇଛି । ଏଥିପ୍ରତି ସରକାର ଦୃଷ୍ଟି ଦେଲେ ହୁଏତ ସମାଜର ଅବସ୍ଥା ବଦଳି ଯାଇପାରିବ ।

# ସମ୍ବିଧାନର ସ୍ରଷ୍ଟା ପୁରୁଷ ଡଃ. ଭୀମରାଓ ଆମ୍ବେଦକର



ମାନବ ସମାଜରୁ ଜାତି ପ୍ରଥାକୁ ହଟେଇବା ପାଇଁ ଆଜୀବନ ସଂଘର୍ଷ କରିଥିବା ମହାନ୍ ପୁରୁଷ ସମ୍ବିଧାନ ସ୍ରଷ୍ଟା ଭୀମରାଓ ଆମ୍ବେଦକରଙ୍କ ଆଜି ମହାପରାୟଣ ଦିବସ । ପ୍ରତ୍ୟେକ ମଣିଷଙ୍କୁ ସମାନ ଅଧିକାର ପ୍ରଦାନ କରିବା ତାଙ୍କର ଲକ୍ଷ୍ୟ ରହିଥିଲା ସାରା ଜୀବନ । ଛୁଆଁ ଅଛୁଆଁ ଭେଦଭାବକୁ ପ୍ରଚଣ୍ଡ ବିରୋଧ କରୁଥିବା ଏହି ମହାପୁରୁଷ ଦଳିତ, ନିସ୍ପେଷିତ ମଣିଷଙ୍କ ତ୍ରାଣକର୍ତ୍ତା ଭାବେ ଭାରତ ମାଟିରେ ଜନ୍ମଗ୍ରହଣ କରିଥିଲେ ।

୬ ଡିସେମ୍ବର ୧୯୫୬ ମସିହାରେ ଏହି ମହାନ ବ୍ୟକ୍ତିଙ୍କର ଦେହାନ୍ତ ଘଟିଥିଲା । ବୌଦ୍ଧ ଧର୍ମ ଗ୍ରହଣ କରି ଆଜୀବନ ଏହାର ପ୍ରଚାର ଓ ପ୍ରସାର ପାଇଁ କାର୍ଯ୍ୟ କରିଥିଲେ ବାବା ସାହେବ । ସ୍ୱାଧୀନ ଭାରତର ପ୍ରଥମ ଆଇନମନ୍ତ୍ରୀ ଭାବେ କାର୍ଯ୍ୟ ସେ ଦାୟିତ୍ୱ ଗ୍ରହଣ କରିଥିଲେ । ତାଙ୍କ ମୃତ୍ୟୁର ୩୪ ବର୍ଷ ପରେ ୧୯୯୦ ମସିହାରେ ତାଙ୍କୁ ମରଣୋତ୍ତର 'ଭାରତ ରତ୍ନ' ପ୍ରଦାନ କରାଯାଇଥିଲା ।

ସେ ଜଣେ ଏଭଳି ଚିନ୍ତାନାୟକ ତଥା ପ୍ରଜ୍ଞା ପୁରୁଷ, ଯିଏ ତାଙ୍କ ସାରା ଜୀବନ ଦଳିତ, ନିସ୍ପେଷିତ ତଥା ପଛୁଆ ମଣିଷଙ୍କ ପାଇଁ ଲଢ଼େଇ ଜାରି ରଖିଥିଲେ । ସେ ପରାଧୀନ ଭାରତର ସେହି ସମୟରେ ସମାଜରେ ଚଳି ଆସୁଥିବା ଅଛୁଆଁ ଜାତିର ଏକ ମହାର ପରିବାରରେ ଜନ୍ମଗ୍ରହଣ କରିଥିବା ବେଳେ ତାଙ୍କ ପିତାଙ୍କ ନାମ ରାମଜୀ ମାଲୋଜୀ ସକପାଲ ଓ ମାତାଙ୍କ ନାମ ଭୀମାବାଈ ରାମଜୀ ଥିଲା । ମହାନ୍ ପୁରୁଷ ବାବା ସାହେବ ୧୮୯୧ ଏପ୍ରିଲ ୪ ତାରିଖରେ ଜନ୍ମଗ୍ରହଣ କରିଥିଲେ । ତାଙ୍କର ଯେତେବେଳେ ପ୍ରାଥମିକ ଶିକ୍ଷା ପାଇଁ ବିଦ୍ୟାଳୟରେ ନାମ ଲେଖା ଯାଇଥିଲା ସେତେବେଳେ ତାଙ୍କ ପିତା ସକପାଲ୍ ସାଙ୍ଗିଆ କାଟି ଆମ୍ବେଦକର ଲେଖି ଦେଇଥିଲେ ବୋଲି କୁହାଯାଏ । ସମାଜର ବିକୃତ ଜାତିପ୍ରଥା ତାଙ୍କୁ ପିଲାଟି ବେଳୁ ବିଭିନ୍ନ ସମସ୍ୟାରେ ପକାଇଥିବା ବେଳେ ତାଙ୍କ ପ୍ରଚଣ୍ଡ ପ୍ରତିଭା ବଳରେ ସେ ସବୁ ସମସ୍ୟାକୁ ଲଂଘି ନିଜକୁ ପ୍ରତିଷ୍ଠିତ କରିବା ସହ ଗରିବ, ନିସ୍ପେଷିତ, ଦଳିତମାନଙ୍କ ତ୍ରାଣକର୍ତ୍ତା ଭାବରେ ଖୁବ୍ ଦମ୍ଭର ସହ ସମାଜ ଭିତରେ ଠିଆ ହୋଇଥିଲେ ।

ଦଳିତ, ନିର୍ଯାତିତ, ନିସ୍ପେଷିତ, ଅବହେଳିତ ତଥା ପଛୁଆ ମଣିଷଙ୍କ ପାଇଁ ଜନ୍ମଗ୍ରହଣ କରିଥିବା ଅବତାରୀ ପୁରୁଷଙ୍କୁ ତାଙ୍କ ମହାପ୍ରୟାଣ ଦିବସରେ 'କୋଶଳ ପ୍ରବାହ' ପରିବାର ପକ୍ଷରୁ କୋଟି କୋଟି ଦଣ୍ଡବତ ।

# ଆସନ୍ତା ୭ ତାରିଖ ଦିନ ଆଗ୍ରା ମେଟ୍ରୋ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଉଦଘାଟନ କରିବେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ, (ପିଆଇବି) : ଆସନ୍ତା ୭ ତାରିଖ ଦିନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଗ୍ରା ମେଟ୍ରୋ ପ୍ରକଳ୍ପ ନିର୍ମାଣ କାର୍ଯ୍ୟର ଉଦଘାଟନ କରିବେ । ଭିଡିଓ କନଫରେନ୍ସ ମାଧ୍ୟମରେ ଦିନ ୧୧.୩୦ ସମୟରେ କେନ୍ଦ୍ର ଆବାସ ଓ ସହରାଂଚଳ ବ୍ୟାପାର ମନ୍ତ୍ରୀ ହରଦୀପ ସିଂହ ପୁରୀ, ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଓ ଅନ୍ୟାନ୍ୟ ଗଣମାନ୍ୟ ଅତିଥିମାନେ ଯୋଗଦେବେ । ଆଗ୍ରାର ୧୫ ବାଟାଲିୟନ ପିଏସି ପରେଡ ପଡିଆରେ ଏହି ସମାରୋହ ଅନୁଷ୍ଠିତ ହେବ ।

ସୂଚନାଯୋଗ୍ୟ ଯେ, ଆଗ୍ରା ମେଟ୍ରୋ ପ୍ରକଳ୍ପର ଦୈର୍ଘ୍ୟ ୨୯.୪ କିଲୋମିଟର ହୋଇଥିବା ବେଳେ ଏଥିରେ ଦୁଇଟି କରିଡର ରହିଛି । ଏହା ପର୍ଯ୍ୟଟନ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ । ତାଜମହଲ, ଆଗ୍ରା ଦୁର୍ଗ, ସିକନ୍ଦର ସହ ରେଳ ଷ୍ଟେସନ ଓ ବସ ଷ୍ଟାଣ୍ଡକୁ ସଂଯୋଗ କରୁଛି । ଏହି ପ୍ରକଳ୍ପ ଯୋଗୁଁ ଆଗ୍ରା ମହାନଗରୀର ୨୬ ଲକ୍ଷ ଜନସାଧାରଣଙ୍କ ସମେତ ପ୍ରତିବର୍ଷ ଆଗ୍ରାକୁ ଆସୁଥିବା ୬୦ ଲକ୍ଷ ପର୍ଯ୍ୟଟକ ଉପକୃତ ହେବେ । ଏହା ଏକ ପରିବେଶ ଅନୁକୂଳ ମାସ୍ ରାପିଡ ଟ୍ରାଞ୍ଜିଟ ସିଷ୍ଟମ (ସର୍ବସାଧାରଣ ଦ୍ରୁତ ପରିବହନ ବ୍ୟବସ୍ଥା) ପ୍ରଦାନ କରିବ । ୫ ବର୍ଷରେ ସଂପୂର୍ଣ୍ଣ ହେବାକୁ ଥିବା ଏହି ପ୍ରକଳ୍ପ ପାଇଁ ପ୍ରାୟ ୮,୩୭୯.୬୨ କୋଟି ଟଙ୍କାର ଖର୍ଚ୍ଚ ଆକଳନ କରାଯାଇଛି ।

ପୂର୍ବରୁ ଗତ ବର୍ଷ ମାର୍ଚ୍ଚ ୮ ତାରିଖ ଦିନ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଆଗ୍ରା ମେଟ୍ରୋ ପ୍ରକଳ୍ପ ସହ ଲକ୍ଷ୍ନୌ ମେଟ୍ରୋର ୨୩ କିଲୋମିଟର ଉତ୍ତର-ଦକ୍ଷିଣ କରିଡର, ସିସିଏସ ବିମାନ ବନ୍ଦରରୁ ମୁନସିପୁଲିଆ ପର୍ଯ୍ୟନ୍ତ ବାଣିଜ୍ୟିକ କାରବାର ବ୍ୟବସ୍ଥାର ଶୁଭ ଉଦଘାଟନ କରିଥିଲେ ।

# ଅଭ୍ୟସ୍ତ ସଂସ୍କାରର ଅନ୍ତରାଳେ

**ଶରଦିନ୍ଦୁ ଭୂଷଣ ହୋତା**



ଅଭ୍ୟାସ ବହୁତ ପ୍ରଭାବଶାଳୀ । ତା' କବଳରେ ଥରେ ପଡ଼ିଗଲେ ମୁକୁଳିବା ମୁସ୍କିଲ । ନ ପାରିଲେ ଅବସ୍ଥା ଅଣାୟତ୍ତ । ତେଣିକି ସେ ନାକରେ ଦଉଡ଼ି ଦେଇ ଘୋଷାଡ଼େ । ହାତର ପାଂଚ କରି ଥରେ ମଣିଷକୁ କାବୁ କରିନେଲେ ଯାହା ମନ ତାହା କରାଇନିଏ । ଅଭ୍ୟାସ ଯଦି ଅଣାୟତ୍ତ ରହିଯାଏ ପରିଣାମରେ ସିଏ ଏକ ଗ୍ରନ୍ଥି ବନିଯାଏ । କ୍ରମଶଃ ଅସ୍ତିତ୍ୱ ଭୂମିରୁ ସାର ଶୋଷି ସଂସ୍କାର ହୋଇଯାଏ । ଅନ୍ତର୍ନିହିତ ସଂସ୍କାର ସଂସ୍ଥିତି ହୋଇଯାଏ ଜୀବନର ନିୟନ୍ତା ଓ ନିୟାମକ । ଦେଖାଯାଏ ଯେ ଜଣକର ସଂସ୍କାର ସଂସ୍ଥିତି ଯେଭଳି ସ୍ୱଭାବତଃ ସେ ମଣିଷ ବି ସେଭଳି । ସଦଭ୍ୟାସର ପ୍ରଭାବରେ ବହୁ ସାଧାରଣ ଜୀବନ ସ୍ୱଚ୍ଛନ୍ଦରେ ବଂଚିବର୍ତ୍ତି ରହି ପାରିଥିବା ବେଳେ ବଦଭ୍ୟାସର ଶିକାର ବନି ଅନେକ ସମ୍ଭାବନାମୟ ଜୀବନ ବରବାଦ ହୋଇଚାଲିଛି ।

ଅଭ୍ୟସ୍ତ ସଂସ୍କାର ସ୍ୱଭାବତଃ ବହୁତ ଗଭୀର ଓ ସଂକ୍ରମଣ ସର୍ବଦିଗସ୍ପର୍ଶୀ । ଆମର ବୁଝିବା, ଚାହିଁବା, କରିବା ସବୁକିଛି ତାହାଦ୍ୱାରା ସଂକ୍ରମିତ ହୁଏ । ସବୁକିଛିର ବାଗ ଦାଉସ ସେ ହିଁ ନିର୍ଦ୍ଧାରଣ କରେ । ଅଭ୍ୟସ୍ତ ସଂସ୍କାର ଯେମିତି ବୁଝାଇବ ମଣିଷ ସେମିତି ବୁଝିବ । ଯେଉଁ ଚାହିଦା ତିଆରିବ, ସେଭଳି ଚାହିଁବା ହେବ, ଯେଉଁ ଭାବରେ ଯାହା କରିବାକୁ ମଂଜୁରୀ ଦେବ ସେତକ ସେଇଭଳିଆ କରିବାକୁ ପଡ଼ିବ । ସୁଖ ଦୁଃଖ, ପାପ ପୁଣ୍ୟ, ଭଲ ମନ୍ଦ, ଶୁଭ ଅଶୁଭ ଇତ୍ୟାଦି ପାଇଁ ବୋଧଭଙ୍ଗୀର ଛାଂଚ ସିଏ ହିଁ ଗଢ଼ିବ । ମଣିଷ ଜୀବନ କେବଳ ସେଇ ଛାଂଚରେ ସୀମା ସରହଦ ମଧ୍ୟରେ ଅନୁକୂଳିତ ହୋଇ ଘଟିଚାଲିବ । ଇଂଚେ ରଂଚେ ବି ଏପଟ ସେପଟ ହେବାର ଜୁ' ନାହିଁ ।

ଅଭ୍ୟସ୍ତ ସଂସ୍କାର ବଦ୍ଧମୂଳ ବୋଧଭଙ୍ଗୀର ଏ ଯେଉଁ ଛାଂଚ ଗୁଡ଼ିକ ବନାଏ ଆଧୁନିକ ମନସ୍ତତ୍ତ୍ୱର ଭାଷାରେ ତାକୁ - Confirmation bias ବୋଲି କୁହାଯାଏ । Confirmation bias ମଣିଷର ନିଟୋଳ ନିର୍ମଳ ସାମଗ୍ରିକ ଜୀବନକୁ ମୋଡ଼ିମାଡ଼ି, ବଙ୍କେଇ ବାଆଁରେଇ ଗୋଟେ ଅଲଗା ଧିସା ଧରାଏ । ତା' ବାଗରେ ସମଗ୍ର ଅସ୍ତିତ୍ୱକୁ ପାଗ କରେ ।

ଅଭ୍ୟସ୍ତ ସଂସ୍କାର ବା Confirmation bias ଏଭଳି ଏକ ମାନସିକ ଭାବ ଦଶା, ଯା'ର ପ୍ରବଣତା ବଡ଼ ବିଚିତ୍ର । ସତ୍ୟକୁ ଖୋଜିବା ଓ ଧାରଣ କରିବା ଅପେକ୍ଷା ନିଜର ଧାରଣା ସହିତ ସଙ୍ଗତିପୂର୍ଣ୍ଣ ତଥ୍ୟଟିକୁ ହିଁ ସେ ସର୍ବାଗ୍ରେ ଲୋଡ଼ି ପକାଏ । ମିଳିଯିବା ମାତ୍ରକେ ତାହା ହିଁ ହୋଇଯାଏ ଚେତନାର ଗଣ୍ଠିଧନ । ଅନ୍ୟ ଯେତେସବୁ ବିପରୀତମୁଖୀ ତଥ୍ୟ ବା ତତ୍ତ୍ୱ ଗୁଡ଼ିକ ଅଦରକାରୀ ଏବଂ ସେଇ କାରଣରୁ ଜୀବନର କର୍ମସୂଚୀରୁ ବହିଷ୍କୃତ ।

ମାରାତ୍ମକ କଥାଟି ହେଉଛି ଯେ ଏବେ ଗବେଷଣା ଜଣାଇ ଦେଲାଣି ମଣିଷ ମାତ୍ରକେ କେହି ଏଇ ସଂକ୍ରମଣରୁ ମୁକ୍ତ ନାହୁଁ । ଇଏ ଏକ ଚେତନାଗତ ରୁଗ୍ଣତା ଏବଂ ଅଳ୍ପ ବେଶୀ ତହିଁରେ ସମସ୍ତେ କବଳିତ ।

ଚେତନାଗତ ଏହି ରୁଗ୍ଣତା ଏବଂ ସଂକଟ ମୁକ୍ତି ମାନବର ବିବର୍ତ୍ତନୀ ଯାତ୍ରା ପଥରେ ପରବର୍ତ୍ତି ଆହ୍ୱାନ । ଅବଶ୍ୟ ପରମେଶ୍ୱରଙ୍କ ମଙ୍ଗଳ ବିଧାନରେ ତା' ପାଇଁ ତ୍ରାଣକାରୀ ପ୍ରେରଣା ଓ ପ୍ରତିଶୃତି ସେଇ ମଣିଷ ଭିତରେ ହିଁ ଉପଲବ୍ଧ । ସେଥିପାଇଁ ପ୍ରାଥମିକ ପ୍ରସ୍ତୁତି ହେଉଛି କୌଣସି ଆପାତ ଉପଚାର କରିଦେଇ ସଂକଟକୁ ଅଣଦେଖା ନ କରିବା । ସିଧା ସଳଖ ସଂକଟକୁ ସାମନା କରି କାର୍ଯ୍ୟ କାରଣ ସହିତ ତାର ସ୍ୱରୂପକୁ ଚିହ୍ନିବା । ସେଇ ଚିହ୍ନରା ପଣ ହିଁ ନିରାକରଣର ପଥ ଖୋଲିବ । ସେଇ ପଥ ଧରି ମଣିଷ ଜୀବନ ଚଳି ପାରିଲେ ଅଭ୍ୟସ୍ତ ସଂସ୍କାରର ଅନ୍ତରାଳରେ ଥିବା ସତ୍ୟ ଉନ୍ମୋଚିତ ହେବ ।

ଚିହ୍ନରା ପଣଟି ଆମ ଅସ୍ତିତ୍ୱ ଭଣ୍ଡାରର କେଉଁ ଖୋପରେ ଅଛି ଜାଣିବାକୁ ହେବ । ସିଏ ସବୁବେଳେ ଥାଏ ମଣିଷର ଆଧ୍ୟାତ୍ମିକତା ଭିତରେ । ସୃଜନଶୀଳ ଆଧ୍ୟାତ୍ମିକତା ହିଁ ଆମକୁ ବାଟ କଢ଼େଇ ନିଏ ଆମର ଗହନତମ ଭିତରକୁ ଏବଂ ତାକୁ ସିଧା ଅନାଇ ପାରିବାର ଯୋଗ୍ୟତା ମଂଜୁର କରେ । ସିଧା ଅନାଇ ପାରିଲେ ଚିହ୍ନଟ କରିପାରିବା । ଚିହ୍ନଟ କରି ପାରିଲେ ସ୍ୱରୂପତଃ ସବୁକିଛିକୁ ଜାଣି ପାରିବା । ସେତେବେଳେ ଆମକୁ ଦାଉ ସାଧି ହନ୍ତସନ୍ତ କରୁଥିବା ଅଭ୍ୟସ୍ତ ସଂସ୍କାରକୁ ହାଡ଼େ ହାଡ଼େ ଚିହ୍ନି ପାରିବା । ଚିହ୍ନା ପଡ଼ିଗଲେ ତାକୁ ନିଶ୍ଚିହ୍ନ କରିବାର କୌଶଳ ଧରାଦେବ ।

ଅଭ୍ୟସ୍ତ ସଂସ୍କାରର ହାବୁକା ବାଜି ଆମର ଆଧ୍ୟାତ୍ମିକତା ମଧ୍ୟ ବର୍ତ୍ତମାନ ରୁଗ୍ଣ ଓ ବିପର୍ଯ୍ୟସ୍ତ । କର୍ମକାଣ୍ଡୀ ଆଚାର ସର୍ବସ୍ୱ ଓ ଅନୁଷ୍ଠାନିକତା ପୀଡ଼ିତ ପ୍ରଚଳିତ କିସମର ଆଧ୍ୟାତ୍ମିକତାରେ କାମ ଚଳିବ ନାହିଁ । ତାକୁ କାମରେ ଲଗାଇବା ଅର୍ଥ ଯେଉଁ ସୋରିଷରେ ଡାହାଣୀ ଝଡ଼ାଯିବ, ସେଇ ସୋରିଶକୁ ହିଁ ଡାହାଣୀ ଲାଗିଥିବା ଭଳି ହେବ । ପରିଣାମରେ ତାହା ଆହୁରି ବିକୃତି ଓ ବିଫଳତା ଆଣିବ । କାମରେ ଲାଗି ପାରିବା ଆଧ୍ୟାତ୍ମିକତା ସ୍ୱାଭବ ଗୁଣେ ସୃଜନଶୀଳ ସ ଅଭ୍ୟୁଦୟୀ ହେବ ।

ଅସଲ ଆଧ୍ୟାତ୍ମକତା ମଣିଷ ଭିତରେ ଏକ ତ୍ରାଣକାରୀ ଶକ୍ତିକୁ ଜନ୍ମଦିଏ । ତାର ଛୁଆଁ ବାଜିଲେ ନିତ୍ୟ ନୈମିତ୍ତିକ ଘଷରା ଓ ଦଦରା ଜୀବନ ଯାପନର ରୂପାନ୍ତର ହୁଏ । ଏଯାବତ୍ ଅଣଦେଖା କରିଥିବା କାରଣରୁ ଆମ ଭିତରେ ହିଁ ମୁହଁମାଡି ଜାକିଜୁକି ହୋଇ ରହିଥିବା ପ୍ରଚଣ୍ଡ ଚୈତ୍ୟଶକ୍ତି ଓ ତାର ପରାକ୍ରମ ବାହାରକୁ ବାହାରି ଆସେ । ରୁଗ୍ଣତା ଦୂର ହୁଏ । ସଂକଟ ଟଳେ । ମଣିଷକୁ ତାର ଯଥାଯୋଗ୍ୟ ମର୍ଯ୍ୟାଦା ଓ ମହିମା ଫେରସ୍ତ ମିଳେ । ଅଭ୍ୟସ୍ତ ସଂସ୍କାର ଅସ୍ତିତ୍ୱ ଗ୍ରାମ ଉପରେ ନିକ୍ଷେପ କରିଥିବା ସମସ୍ତ ହଳାହଳ ଓ କୋଳାହଳ ଶାନ୍ତ ହୁଏ । ଜାଗ୍ରତ ଓ ଉଦ୍‌ବୋଧିତ ଚୈତ୍ୟଶକ୍ତି ହିଁ ସଂକଟମୁକ୍ତିର ଚାବିକାଠି । ତେଣୁ ଯଥାର୍ଥରେ କୁହାଯାଇଛି - ଅସ୍ତିତ୍ୱର ଆକାଂକ୍ଷିତ ମଙ୍ଗଳ ଅଭ୍ୟସ୍ତ ସଂସ୍କାରର ଅନ୍ତରାଳରେ ଥାଏ । କଥାଟି ସମସ୍ତଙ୍କ ପାଇଁ ପ୍ରଣିଧାନ ଯୋଗ୍ୟ, କହିବା ବାହୁଲ୍ୟ ।

**ଭୁବନେଶ୍ୱର,**
**ମୋ.ନଂ.୯୯୩୭୭୪୦୬୭୬**

# ତୁରେକେଲା ବ୍ଲକରେ କିସ୍ ଛାତ୍ରୀଛାତ୍ରଙ୍କୁ ପାଠ୍ୟପୁସ୍ତକ, ପୋଷାକ, ଶୁଖିଲା ଖାଦ୍ୟ ବଂଟନ



କଂଟାବାଂଜି, (ନିପ୍ର) : ବଲାଙ୍ଗିର ଜିଲ୍ଲା ତୁରେକେଲା ବ୍ଲକର ୧୯ଗୋଟି ବିଭିନ୍ନ ପଂଚାୟତରେ ଭୁବନେଶ୍ୱର କିସ୍ ଶିକ୍ଷାନୁଷ୍ଠାନରେ ଅଧ୍ୟୟନରତ ଆଦିବାସୀ ଛାତ୍ରୀଛାତ୍ରଙ୍କୁ ପାଠ୍ୟ ପୁସ୍ତକ, ପାଠ୍ୟ ଉପକରଣ, ପୋଷାକ, ଶୁଖିଲା ଖାଦ୍ୟ ରବିବାର ଦିନ କଂଟାବାଂଜିଠାରେ ବଂଟନ କରାଯାଇଛି । କିସ୍ ଓ କିଟ୍ ଶିକ୍ଷାନୁଷ୍ଠାନର ପ୍ରତିଷ୍ଠାତା ଡ.ଅଚ୍ୟୁତ ସାମନ୍ତଙ୍କ ନିର୍ଦ୍ଦେଶ କ୍ରମେ କରୋନା ମହାମାରୀ ସମୟରେ ଛାତ୍ରୀଛାତ୍ରଙ୍କ ଶିକ୍ଷାଦାନରେ ଯେଭିଳି କୌଣସି ପ୍ରକାର ଅଭାବ ଅସୁବିଧା ଦେଖା ନଦେବ, ସେଥିପାଇଁ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି । ଦୀର୍ଘ ଦିନ ହେଲା ଅଧ୍ୟୟନରତ ଛାତ୍ରୀଛାତ୍ରମାନେ ନିଜ ନିଜ ଗାଁରେ ରହି ଶିକ୍ଷାନୁଷ୍ଠାନର ସମସ୍ତ ସୁବିଧା ଯେପରି ସହଜରେ ପାଇପାରିବେ, ସେହି ଉଦ୍ଦେଶ୍ୟ ନେଇ ବଲାଙ୍ଗିର ଜିଲ୍ଲାର ସମସ୍ତ ୧୪ ଗୋଟି ବ୍ଲକକୁ ସହଯୋଗ ସାମଗ୍ରୀ ଯୋଗାଇ ଦିଆଯାଇଛି । ତୁରେକେଲା ବ୍ଲକର ୧୧୫ ଗୋଟି ଛାତ୍ରୀଛାତ୍ର ମାନଙ୍କୁ ସାମଗ୍ରୀ ଦିଆଯାଇଛି । ପ୍ରଥମ ପର୍ଯ୍ୟାୟରେ ସାନିଟାଇଜର, ବିସ୍କୁଟ, ଚୁଡା, ଚାଉଳ, ଚିନି, ଦ୍ୱିତୀୟ ପର୍ଯ୍ୟାୟରେ ପାଠ୍ୟ ପୁସ୍ତକ, ପାଠ୍ୟ ଉପକରଣ, ସାନିଟାଇଜର, ତୃତୀୟ ପର୍ଯ୍ୟାୟରେ ଟି-ସାର୍ଟ, ପୋଷାକ, ଶୁଖିଲା ଖାଦ୍ୟ, ଚତୁର୍ଥ ପର୍ଯ୍ୟାୟରେ ଡ୍ରେସ, ଶୁଖିଲା ଖାଦ୍ୟ, ପଂଚମ ପର୍ଯ୍ୟାୟରେ ପ୍ଲସ ଟୁ, ପ୍ଲସ ଥ୍ରୀ ପିଲାଙ୍କ ପାଠ୍ୟପୁସ୍ତକ, ଷଷ୍ଠ ପର୍ଯ୍ୟାୟରେ ଆଦର୍ଶ ପ୍ରଶ୍ନପତ୍ର ସହ ସମସ୍ତ ଉପକରଣ ବଂଟନ କରାଯାଇଛି ।

କିସ୍ ଶିକ୍ଷାନୁଷ୍ଠାନର ପର୍ଯ୍ୟବେକ୍ଷକଙ୍କ ଉପସ୍ଥିତିରେ ଏହା ବଂଟନ କରାଯାଇଛି । ଏହି ଅବସରରେ ତୁରେକେଲା ବ୍ଲକ ଆଦିବାସୀ ସଂଘ ସଭାପତି ଚୌବନ କିଶୋର ମାଝି, ଧାମନଡଙ୍ଗା ପଂଚାୟତ ସମିତି ସଭ୍ୟା ଖେଲନ୍ତି ସମରଥଙ୍କ ନେତୃତ୍ୱରେ ସମସ୍ତ ଉପକରଣ ବଂଟନ କରାଯାଇଛି ।

# ଅଧ୍ୟାପକ ରମାକାନ୍ତ ସା'ଙ୍କ ଅକାଳ ମୃତ୍ୟୁ



ପଦ୍ମପୁର, (ନିପ୍ର) : ଜମଲା ଯୁକ୍ତ ଦୁଇ ମହାବିଦ୍ୟାଳୟର ଓଡିଆ ଅଧ୍ୟାପକ ରମାକାନ୍ତ ସା'ଙ୍କର ଏକ ଦୁର୍ଘଟଣାରେ ମାତ୍ର ୫୦ ବର୍ଷ ବୟସରେ ଅକାଳ ମୃତ୍ୟୁ ଘଟିଛି । କୁଚିପାଲି ବାସିନ୍ଦା ସ୍ୱର୍ଗତ ସା' ପଦ୍ମପୁରରେ ରହୁଥିଲେ । କୁଚିପାଲିରୁ ମୋଟର ସାଇକଲରେ ଆସୁଥିବା ବେଳେ ଏକ ମିନିଟ୍ରକ ତାଙ୍କୁ ଜୋର୍‌ରେ ଧକ୍କା ଦେବାରୁ ଘଟଣା ସ୍ଥଳରେ ହିଁ ତାଙ୍କର ପ୍ରାଣବାୟୁ ଚାଲି ଯାଇଥିଲା । ସର୍ବଦା ହସ ହସ ମୁହଁରେ ରହୁଥିବା ସ୍ୱର୍ଗତ ସା' ଛାତ୍ରଛାତ୍ରୀ, ସହକର୍ମୀ ତଥା ସାଧାରଣ ମହଲରେ ବେଶ୍ ଜଣାଶୁଣା ଥିଲେ । ଅଧ୍ୟାପନା ସହିତ ବିଭିନ୍ନ ସାହିତ୍ୟକ ତଥା ସାଂସ୍କୃତିକ ଅନୁଷ୍ଠାନ ତଥା କାର୍ଯ୍ୟକ୍ରମରେ ତାଙ୍କର ସଂପୃକ୍ତି ରହିଥିଲା । ପଦ୍ମପୁର ସମ୍ବାଦ ସାହିତ୍ୟ ଘର ଓ ଗୁରୁ ପ୍ରକାଶନୀର ସେ ଜଣେ ସକ୍ରିୟ ସଭ୍ୟ ଥିଲେ । ତାଙ୍କର ମୃତ୍ୟୁକୁ ନେଇ ପଦ୍ମପୁର ସହରରେ ଶୋକ ଛାୟା ଖେଳି ଯାଇଛି । ତାଙ୍କ ବିୟୋଗରେ ଅଧ୍ୟାପନା ଦିଗରେ ଏକ ଅପୂରଣୀୟ କ୍ଷତି ଘଟିଛି ବୋଲି ସ୍ଥାନୀୟ ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି । ଅଧ୍ୟାପକଙ୍କ ମହଲରେ ଦୁଃଖର ବାତାବରଣ ଦେଖାଦେଇଛି ।

# ବାଇକ୍‌କୁ ଧକ୍କା ଦେଲା ବୋଲେରୋ : ଘଟଣା ସ୍ଥଳରେ ବାପ-ପୁଅଙ୍କ ମୃତ୍ୟୁ, ଡାକ୍ତରଖାନାରେ ମା' ବି ଚାଲିଗଲେ : ବର୍ଷକର ପୁଅ ଚିକିତ୍ସାଧୀନ



ତୁଷୁରା, (ନିପ୍ର) : ବାଇକକୁ ଧକ୍କା ଦେଲା ବୋଲେରୋ । ଘଟଣାସ୍ଥଳରେ ଚାଲିଗଲା ବାପା-ପୁଅଙ୍କ ଜୀବନ । ବଲାଙ୍ଗିର ଜିଲାର ତୁଷୁରାରେ ଏଭଳି ଏକ ଦୁଃଖଦାୟକ ଘଟଣା ଘଟିଛି । ମିଳିଥିବା ସୂଚନା ମୁତାବକ ଏକ ବାଇକ ଯୋଗେ କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ରିଷିଡା ଗାଁର ମାଖନୁ ବିଶି(୩୫) ନିଜ ଦୁଇ ପୁଅ ଶମ୍ଭୁ(୩) ଓ ଓମ୍(୧) ଏବଂ ସ୍ତ୍ରୀ ମୁକ୍ତା(୨୮) ସହ ତୁଷୁରାରୁ ଏକ ବାଇକ୍ ଯୋଗେ ଘରକୁ ଫେରୁଥିଲେ । ଜମ୍ଭେଲ ଛକର ମିଶ୍ର ଢାବା ପାଖରେ ଏକ ବୋଲେରୋ ସେମାନଙ୍କୁ ଧକ୍କା ଦେଇଥିଲା । ଧକ୍କା ଦେବା ମାତ୍ରେ ବାଇକରେ ନିଆଁ ଲାଗିଯାଇଥିଲା । ତେବେ ଘଟଣାସ୍ଥଳରେ ବାପା ମାଖନୁ ଓ ତିନି ବର୍ଷର ଶିଶୁପୁତ୍ର ଶମ୍ଭୁର ମୃତ୍ୟୁ ହୋଇଥିବା ବେଳେ ମା' ମୁକ୍ତା ଓ ବର୍ଷକର ପୁଅ ଓମ୍ ଗୁରୁତର ଆହତ ହୋଇଥିଲେ । ସେମାନଙ୍କୁ ଗୁରୁତର ଅବସ୍ଥାରେ ତୁଷୁରା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । କିନ୍ତୁ ଦୁଃଖର ବିଷୟ ଯେ, ଏବେ ମା' ମୁକ୍ତାଙ୍କର ମଧ୍ୟ ଦେହାନ୍ତ ହୋଇଛି ଡାକ୍ତରଖାନାରେ । ଘଟଣା ସ୍ଥଳରେ ତୁଷୁରା ପୁଲିସ ପହଂଚି ମୃତଦେହ ଜବତ କରିବା ସହ ତଦନ୍ତ ଆରମ୍ଭ କରିଛି ।



# ଚତୁର୍ଥ ଶ୍ରେଣୀର ଛାତ୍ର ଆର୍ଯ୍ୟନ୍ ଯୁଡ଼ୋ ପ୍ରତିଯୋଗିତାରେ ଗୋଲ୍ଡ଼ ମେଡ଼ାଲ୍ ପାଇଲେ



ଟିଟିଲାଗଡ଼, (ନିପ୍ର) : ଚତୁର୍ଥ ଶ୍ରେଣୀର ଛାତ୍ର କେଏଚ୍. ଆର୍ଯ୍ୟନ୍ ମାଝୀ ଯୁଡ଼ୋ ପ୍ରତିଯୋଗିତାରେ ଗୋଲ୍ଡ଼ ମେଡ଼ାଲ୍ ପାଇଥିବା ବେଳେ ଟିଟିଲାଗଡ଼ର ବିଭିନ୍ନ ମହଲରୁ ଆର୍ଯ୍ୟନ୍‌ଙ୍କୁ ଶୁଭେଚ୍ଛା ପ୍ରଦାନ କରାଯାଇଛି । ଏହି ୯ ବର୍ଷର ବିସ୍ମୟ ବାଳକ ସେଣ୍ଟ ଟେନିସ୍ ସ୍କୁଲରେ ଅଧ୍ୟୟନରତ । ଟିଟିଲାଗଡ଼ ସହରର ହାଟପଦାପଡ଼ାର ନିବାସୀ ତଥା ଟିଟିଲାଗଡ଼ ବ୍ଲକ୍‌ରେ ଏବିଓ ଭାବେ କାର୍ଯ୍ୟରତ ଅଭିରାମ ମାଝୀ ଓ ମୁରିବାହାଲ ବ୍ଲକ୍‌ର ଲାଂଚି ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ଶ୍ରୀମତୀ କେ. ମାଧବୀ କ୍ରିଷ୍ଣା ଦୋରାଙ୍କ କନିଷ୍ଠ ପୁତ୍ର କେଏଚ୍. ଆର୍ଯ୍ୟନ୍ ୨୦୨୦ ମସିହାରେ 'ଓଡ଼ିଶା କ୍ୱାନ୍ କି ଡୋ ଏସୋସିଏସନ୍' ଦ୍ୱାରା ଆୟୋଜିତ 'ସିଙ୍ଗଲ୍ ଲେଗ୍ କିକ୍' ଓ 'ମିଡ଼ିଲ୍ ପନ୍‌ଚ୍' ପ୍ରତିଯୋଗିତା ବିଭାଗରେ ଭାଗ ନେଇ ଚମତ୍କାର ପ୍ରଦର୍ଶନ କରିବା ସହ ବିଚାରକଙ୍କ ହୋସ୍ ଉଡ଼େଇ ଦେଇଛନ୍ତି । ଓଡ଼ିଶା କ୍ୱାନ୍ କି ଡୋ ଏସୋସିଏସନ୍ ଟିଟିଲାଗଡ଼ ଶାଖାର ଛାତ୍ର ମାତ୍ର ନ' ବର୍ଷର ବାଳକ ଆର୍ଯ୍ୟନ୍ ଖୁବ୍ ଦକ୍ଷତାର ସହ ଶିକ୍ଷା ଗ୍ରହଣ କରିବା ସହ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇ ନିଜର ଦକ୍ଷତାର ପ୍ରମାଣ ଦେଇଛନ୍ତି ଓ ଗୁଡ଼ାଏ ପୁରସ୍କାର୍‌ର ଅଧିକାରୀ ହୋଇ ପାରିଛନ୍ତି । ସୂଚନାଯୋଗ୍ୟ ଯେ, ସେ ୨୦୧୮ ମସିହାରେ ଜିଲ୍ଲା ସ୍ତରୀୟ କରାଟେ ପ୍ରତିଯୋଗିତାରେ ବ୍ରୋଂଜ ମେଡ଼ାଲ ପ୍ରାପ୍ତ ହୋଇଥିବା ବେଳେ ୨୦୧୯ରେ ସିଲ୍‌ଭର୍ ମେଡ଼ାଲ୍ ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ । ଆଗାମୀ ସମୟରେ କେଏଚ୍. ଆର୍ଯ୍ୟନ୍ ଆହୁରି ଦକ୍ଷତାର ସହ ନିଜର ପାରଦର୍ଶିତା ପ୍ରଦର୍ଶନ କରିବା ପାଇଁ ନିଶ୍ଚୟ ସକ୍ଷମ ହେବେ ବୋଲି କୋଚ୍‌ମାନଙ୍କ ପକ୍ଷରୁ କୁହାଯାଇଛି । ଭବିଷ୍ୟତରେ ଜଣେ ଭାରତୀୟ ସେନା ଅଧିକାରୀ ହେବା ସହ ଅଲମ୍ପିକ୍‌ରେ ଭାଗ ନେବାକୁ ଇଚ୍ଛା ପ୍ରକାଶ କରିଛନ୍ତି କେଏଚ୍.ଆର୍ଯ୍ୟନ୍ ।

# ସ୍ୱାମୀର ଟାଙ୍ଗିଆ ଚୋଟରେ ସ୍ତ୍ରୀର ଜୀବନ ଗଲା



ସୁନ୍ଦରଗଡ଼, (ନିପ୍ର) : ପାରିବାରିକ କଳହ ଯୋଗୁଁ ସ୍ୱାମୀର ଟାଙ୍ଗିଆ ଚୋଟରେ ସ୍ତ୍ରୀର ଜୀବନ ଯାଇଥିବା ଭଳି ଏକ ଖବର ଆସିଛି । ସୂଚନା ଅନୁସାରେ ସୁନ୍ଦରଗଡ଼ ଜିଲ୍ଲାର କୋଇଡା ଥାନା ଅନ୍ତର୍ଗତ ପୋଡାଡ଼ିହି ବସ୍ତିରେ ଗତ ଶୁକ୍ରବାର ବିଳମ୍ବିତ ରାତିରେ ଏହି ଅଭାବନୀୟ ଘଟଣା ଘଟିଥିବା ସୂଚନା ମିଳିଛି । ମୃତ ମହିଳା ହେଲେ ସମ୍ବାରୀ ନାୟକ । ପାରିବାରିକ କଳହକୁ କେନ୍ଦ୍ର କରି ସ୍ୱାମୀ ଏଭଳି କାଣ୍ଡ ଭିଆଇ ଥିବା କୁହାଯାଇଛି । ଘଟଣା ଘଟିବା ପରେ ଅଭିଯୁକ୍ତ ସ୍ୱାମୀ ବୁଧୁ ମୁଣ୍ଡା ଘରୁ ଫେରାର ହୋଇ ଯାଇଥିବା ଚର୍ଚ୍ଚା ହେଉଛି ।



# ଜୀବନର କଲବଲେ

ଆମର ସମିଆଁର କଥାନି

**କାର୍ତ୍ତିକ ଦର୍ଜୀ**

ମଗସିର ମାସର ସକାଳ । ଲାଠେ ଡେଁଗେ ଝଲକି ଜାଉଛେ ବରନିର ମୁଁଡ ଉପରେ, ଉଦଲା ବେଲ । ବରନି ପାହାଡେ ସବୁ କିସମର ଗଛ ସରିଗଲା ବଲି ଜଙ୍ଗଲମହକମା ସରକାରି ଗଛ ଜଗେଇ ଦେଇଛେ । ନୁଆଁ ନୁଆଁ ଗଛ ମାନେ ଲଫ ଲଫେଇ ଜାଉଛେ । କାକର ପଡି ପତରର ଦିହି ଉପରୁ ଥପ ଥପ ହେଇ କରି କାକର ପାଏନ ଥିପୁଛେ । ବିଚରା ମକାରୁ ଖୁଟଲା ଗୁଡାଦୁକେ ଦିନରାଏତ ଜଲେଇ କରି ବସିଛେ । ଜଙ୍ଗଲିଆ ମାନକୁ ବୁଝେଇ କରି ମନା କରୁଛେ ଦେଖ, ଗଛ ମାନକୁ କଟାକୁଟି ନାଇଁ କର । ଲୋକ ମାନେ ବି ମକାରୁର କଥାକେ ମାନସନ । ସେ ସେଠାନର ପହରାବାଲା ହେଇକରି ଗଛ ମାନକୁ ପୁଓ, ଝି, ବାଗିର ଜତନଉଛେ । ତାର ମରିଗଲା ମନକେ ବଅଁଚେଇ କରି ରଖିଛେ, ବରନି ଡଁଗରର ପାହାଁ ତଲେ ରାଞ୍ଜପିଟା, କାଁଥି ନଡା ତପା କୁରିଆଠାନେ ଥାଇକରି ।

ପେଟ ତଲେ ଛୁଆ ମାନେ ଲଟକି ଛନ, କେତେ ଅଁରରା ଟା, କେତେ ବୁଢା-ବୁଢିଟା ହେଇ କରି ମାକଡ ଦଲେ କଲେ କଲେ ଡଁଗର ଉପୁରୁ ଉତରି ଆସୁ ଛନ । ଆର କେତେ ବାଟ ଗଲା ଉତରୁ ଡାବର ରୋଡ ଉପରେ ହେଇଜିବେ । କେତେବେଲେ ବସ ଗାଡି ତ କେତେବେଲେ ଟରକ, ଜିପ, କାର ରୋଡ ଉପରେ ଦଉଡୁଛେ କେନତା କରି ବାଟଭାଁଗି କରି ଜିବେ? ଜିବେ ତ ଜିବେ କେତେବେଲେ କାଣା ହେଇଗଲେ!!! ମକାରୁର ମନ କଲବଲେଇ ଗଲା । କପାଲ ତଲର ଦୁଇଟା ଗାଡୁ ସରାବନର ନଏଦ ବାଗିର ବୁହି ଆଏଲା ଦୁଇଧାର । ସୋର ପଡିଗଲା ତାର ପାର ହେଇଗଲା ଜିବନର କଥା । ପେଟକେ ମୁଠେ ଦେବାର ଆସେ ସେ ଦିନେ ତାର କୁଟୁମକେ ଧରିକରି ଜନମ ମାଏଟ ଛାଡିକରି ଜାଇଥିଲା ଆର ସମକେ ହଜେଇ ଦେଇକରି ଫିରିଛେ ।

ବରସ ଦସେ ଆଘୋ ମକାରୁ ଭୁଏର ବି କୁଟୁମ ଗୁଟେ ଥିଲା । ଟୁରାପିଲା ମକାରୁ ରାଆଣି ବୁଢିର ନାତେନ ଉରକୁଲିର ହାତ ଧରିଥିଲା । ତାର ଋଏର ବରସର ଟୁକେଲ ଗୁଟେ, ଦେଢବରସର ପୁଓ ଗୁଟେ ହେଇଥିଲାନ । ମାଏଟ ଲିପା ଋଲ କୁରିଆ, ନଡା, ଖର ଢାପିକରି ମୁଡଟେକନାଟେ ଥିଲା । ଭୁତି ଦୁଖ କରି ଜେନତା ସେନତା କରି ଜିବନକେ ଚଲେଇ ନଉଥିଲା । ଦଏବର ରସି ଜେନ ଆଡେ ଘିଚଲେ ସେ ଆଡେ ଜାଏସି । ମକାରୁ ବି ହେନତା ରସିର ବନଧନଥି ପଡିଜାଇ ଥିଲା । ଆସ କରିଥିଲା ହଜାର ଲୋକ ତ ଜାଉଛନ । ମୁଇଁ ବି ଜାଏଁସି । ଛୁଏକର ପେଟେ ଦାନା ତ ଦେଇ ପାରମି । ସେ କାଣା ଜାନିଥିଲା ଜେ, ତାର ଇ ଗୁଲଗୁଲା ଜିବନର ସଁସାର ମାଏଟ ହେଇ ଜିବା ବଲି ।

କୁରିଆ ମୁହଁର ବମୋର ଗଛତଲେ ବସିକରି ମାଏଟ ମିସଲା କୁଲଥ ମୁଠେକେ ଗୁଟେ ଗୁଟେ କରି ବେଟୁଥାଏ । ଠିକ ହେ ସମିଆକେ ଠିକାଦାରର ଦଲାଲ ଆସିହେଲା ଆର ମକାରୁକେ ବଏଲା, ମକାରୁ ଦେଖ ତମର ଗାଁର ସବୁ ଲୋକ କାମ କରିଜିବାର ଲାଗି ରାଜି ହେଇ କରି ହଜାରେ ଲେଖାଁ ବଏନା ନେଲେନ । ତୁଇବି ଜିବୁ ବଏଲେ ଚାଲ । ହେନକ ଗଲେ ମୁଡ ପିଛା ଦିନାର ଦିନ ସହେଟଁକା କରି ପାଏବ । ରହେବାର ଲାଗି କୁରିଆବି ଅଛେ ଆର ଫିରଲା ବେଲେ ଦସ ପନଦର ହଜାର ଟଁକା ବି ଆନି ପାରବୁ । ଦେଖ ବିଚାର କର, ଜିବୁ ବଏଲେ ମତେ କହେବୁ, ମୁଇଁ ହେ ପରାବାଟ ଉରକୁଲିକେ ମକାରୁ ପାସକେ ଡାକଦେଲା । ଦେଖୁନ ଦେଖୁନ ଦୁଇଟା ଛୁଆ ହେଇ ଜାଇଛେ କାଏନ ନାଇଁ ହେଲେ ଖାଏଲା ପିଇଲା ଘରର ହେଇ ଥିଲେ ଆର କେନତା ଦିସୁ ଥିତା । ଚିକିନିକାଲି କୁଡେ ବରସର ଟୁକେଲ ଘାଏଁତା ମକାରୁ ପାସକେ ଆଏଲା । ଦୁହିଝନଜାକ ଦଲାଲ କହେଲା କଥାକେ ବିଚାର କରି ବସଲେ । ମକାରୁ ବଏଲା ଦେଖ, ଗାଁଟା ଜାକର ଥିଲା ନାଇଁ ଥିଲା ସବୁ ଲୋକ ଦୁଇ ପଏସା କମାବାର ଲାଗି ବାହାରି ପଡିଛନ ଆର ଖାଲି ଆମେ ଜଦି ଇଠାନେ ପଡିଥିମା ବଏଲେ ଛୁଆ ମାନକୁ କାଣା ଖୁଆମା କେନତା କରି ଚଲମା । ଉରକୁଲି ବି ହେ କଥା ଏକା କହେଲା । ଆର ଗାଁର ଲୁକର ସଁଗେ ଜିବାର ଲାଗି ମନକେ ବାନଧଲେ । ବୁଲି କରି ଦଲାଲ ଆଏଲା ଉତାରୁ ଜିବାର ଲାଗି ହଜାରେ ଟଁକା ବଏନା ରଖଲେ । ମଗସିରର ଗୁରୁବାର ଗଲାଉତାରୁ ରଏବାର ଦିନ ଜିବାର ନିଦାନ ଆଏ । ଚାଉଲ ଦାଏଲ ଦୁରା ଘିନାଘୁନି କଲେ । ଘରର ସବୁ ଜିନିସକେ ବାଁଧଲେ । ହେ ଘରେ କାଣା ଅଛେ ଜେ, ଝାପିଁ ଗୁଟେଥି ଜୁନହାଁ ଜୁନହିଁ ହେଇ କରି କପଡା ଦୁଇ ଖଁଣ । ଖାଏବାର ଲାଗି ରଁଗର ଖୁରି, ଡେକଚି, ଡିବିରି ଗୁଟେ ବସତା ଭିତରେ ରହି ଗଲା । ବେଗ ମୁନା ଦୁଇଟା ଥି ପିନଧନ ଉଢନ ଭରିଦେଲେ ।

ରଏବାର ଦିନର ପହଁ ପହଁ ଆଗିଲ ଠାନୁ କଁଟାବାଁଜି ରେଲଟେସନ ଗରଜି ଜଉଥାଏ । ଲୋକାଲ ଗାଡି ପୁହୁଁଚି ଗଲା । ରଡା କିରଲା ହେଇ କରି ବୁଚକା ପେଁଣା ଲଦି ଦେଲେ । ଜାହାକେ ଜେନତା ଜାଗା ମିଲଲା ତଲେ ଉପର ହେଇ କରି ବସଲେ । ରେଲ ଗାଡି ଚାଲଲା । ରାଏପୁର ରେଲଟେସନ, ମକାରୁ ଦେଖିକରି ତାର ଗୋଡ଼ ଆର ନାଇଁ ଉଠଲା । ଦଲାଲର ଡାକ ସୁନିକରି ତାର ପିଛା ଧରି କରି ଦୁସରା ଫାଲେ ଗଲେ । ସେଠାନୁ ନାଗପୁର ଜିବାର ଗାଡି ବସବେ । ବନେ ଘଡେଗଲା ଉତାରୁ ଗାଡି ଆଏଲା । ଧରସକଲେ ଛୁଆ ଦୁଇଟାକେ ଆର ବୁଚକା ପେଁଣା ଚଢାଲେ । ମକାରୁ କେ ଗୁଟେ କେନତା କେନତା ଲାଗୁଛେ । ମୁଡତ ଭିଜେଇ ଦେଇ ସାରିଛେ ଜେନତା କରି ହେଲେ ଜିବାର ହେବା । ଡର ଡରନିଆଁ ମନକେ ଦମ ଦେଡେଲ ଜାଉଥାଏ ।

ନାଗପୁର ପୁହୁଚିଲା ଉତାରୁ ଦଲାଲ ସାଁଗେ କାମକରା ଜାଗାକେ ପୁହୁଁଚିଲେ । ଠିକାଦାର ଠାନେ ଦଲାଲ ଗନି ଗନି କରି ତିନକୋର ପାଁଚଲୋକକେ ସଁପିଦେଲା । ଠିକାଦାରର ଲୋକ ଡାକିନେଲା ରହେବାର ଠାନ ମାନେ ବାଁଟିଦେଲା । ତାରଆର ଦିନଠାନୁ ତାକର କାମ କରବାର ମୁନଦଲ ହେବା । ଫିରୁଛେ । ଦଲାଲ ଗଲା ଉତାରୁ ସକାଲୁ ବଢେ ପୁରୁ ଉରକୁଲି ଉଠିକରି ରନଧା ବସାଲା । ଘଡେଉତାରୁ ଛୁଆ ମାନକୁ ଖୁଏଇ ଦେଲା । ଟୁକେଲକେ ବୁଝେଇ କରି କହେଲା - ବାବୁକେ ଖେଲଉ ଥିବୁରେ ମାଁ ଆମେ କାମ କରିଜାଉଛୁଁ, ଫିରଲେ ଫେର ଖାଏମାଁ ।

ପନଦର ଦିନ ପାର ହେଇଗଲାନ ନୁଆଁ ଜାଗା, ନୁଆଁ ପାଏନ ବେଭାର ହେଇ କରି ପିଲାର ଦିହି ଟିକେ ବିଗଡି ଗଲା । ବେମାର ହେଲା ପୁଓକେ ଧରି କରି ଉରକୁଲି ଘରେ ରହିଗଲା । ଦୁଇନିଦ ହାଜରା ନାଇଁ ହେଲାଟା ଠିକାଦାର ଜାନଲା । ହପତା ପୁରଲା, ସବୁଲୋକ ଭୁତି ଛିନବାର ଲାଗି ଗଲେ । ମକାରୁ ବି ତାର କାମ କଲା ଭୁତି ଛିନବାର ଲାଗିଗଲା । ଲାଇନ ହେଇକରି ସଭେ ଭୁତି ଛିନୁ ଥିଲେ । ମକାରୁର ପାଲି ଆଏଲା ଜେନତା ଠିକାଦାର ମନା କରି ଦେଲା ଜେ, ଉରକୁଲି କାମ ନାଇଁ କରିବଲି ତୋର ଭୁତିବି ନାଇଁ ଦିଆ ଜାଏ । ଠିକାଦାରର କଥା ସୁନିକରି ମକାରୁ ଅଡୁଆଥି ପଡିଗଲା । ଡେରା ଠାନକେ ଗଲା । ସେଠାନେ ଗାଁର ଲୁକର ସାଁଗେ ଇସବୁ କଥା ହେଲାବେଲେ ମେଟ ହେ ବାଟେ ଆସି ହେଲା । ମେଟକେ ସବୁ ବୁଝେଇ କରି ମିସିକରି କହେଲେ । ମେଟ ଜାଇକରି ଠିକାଦାର କେ ସବୁ କଥା ବୁଝେଇ କରି କହେଲା । ତାର ଆରଦିନ ବେଲବୁଡାବେଲେ ସଭେ କାମ ସାରି କରି ଫିରଲେ । ଠିକାଦାର ଉରକୁଲିକେ ଡକେଇ କରିଥିଲା ଜେ, ଉରକୁଲି ଗଲା ଆର ଠିକାଦାର ଆଘେ ଠିଆ ହେଲା । ସେତେବେଲେ ଠିକାଦାର ପାସେ ଆର ଦୁଇଝନ ବାବୁମାନେ ବସିଥିଲେ । ଉରକୁଲି ଠିକାଦାର କେ ତାର ଛୁଆର ବେମାର ହେଲା କଥା କହେଲା ଉତାରୁ ଠିକାଦାର ବଏଲା ଠିକ ଅଛେ ସବୁ ପଏସା ନେଇଜିବୁ ଜା ଜେ ଭିତର ଘର ଝାଡୁ ମାରି ଦେଇ କରି ଫିର । ଉରକୁଲି ଭିତର କୁଠରି କେ ଗଲା । ଭିତର ବାଟୁ ବାହରର କବାଟ ସିକଲା ଲାଗିଗଲା । କେତେବେଲଗଲା, ଉରକୁଲି ନାଇଁ ଫିରଲା । ମକାରୁ କେତେ ଖୁଜାନୁରା କଲା ଆର ନାଇଁ ପାଏଲା । ପିଲାର ଦିହିଁ ବିଗଡିଥିଲା ଆର ବିଗଡିଗଲା । ସେ ପିଲାଟାକ ମାଟି ମିସିଗଲା । ଜେନଠାନେ ମାଏଝିକେ ଆର ପୁଓକେ ହଜେଇ ଦେଇଛେ, ସେଠାନକେ ଛାଡବାର ଲାଗି ଇଛାନାଇଁ ଲାଗବାର, ଫେର କାମ କରୁଥାଏ । ଦିନେକର କଥା ମକାରୁ ଟୁକେଲକେ ସେ ଘରବନା ପାସେ ଖେଲୁଥିବାର ଲାଗି କହେଲା ଆର କାମ କରିଗଲା । ସେ ଟୁକେଲ ଖେଲୁଥାଏ ଆର ପାଁଚ ମହଲାର କାଁଥି ଗୁଟେ ଧସକି କରି ସେ ଟୁକେଲର ଉପରେ ପଡିଗଲା । ଛୁଆଟାକ କୁଚକୁଋ ହେଇଗଲା । ମକାରୁର ସଁସାର ମିଟିଗଲା । ଜେତେ ଖୁଜାନୁରା କଲା ଉତାରୁ ବି ଆର ନାଇଁ ପାଏଲା । ଜେନତା ସେନତା କରି ସେଠାନୁ ଭାଗି ଆଏଲା ଆର ଗଛ ପତରକେ ପୁଓ ଝି ବାଗିର ଜତନେଇ କରି ରହୁଛେ । ଝାର ଜଁଗଲେ ଆର ଆଗର ବାଗିର ଗଛ ମାନେ ନାଇନ । ସବୁ କାଠ ଋୋର ମାନେ ସାରି ଦେଇଛନ । ଗଛ ଜଗାବାର ନାଁଥି ସରକାରି ଗଛମାନେ ଜଗା ହେଇଛେ । ହେ ଗଛ ମାନକୁ କେହେନସି ଫଲ, ଠେଲକୋ, ଗମ୍ଭେର, ମହୁଲ, ଟୋଲ, କେନଦୁ, ଋର, ବୁରୋ, କଁଠକୁଇଲି ଆର ନାଇଁ ଫଲବାରନ । ଭୁକର ମାଡେ ବନର ପସୁ ମାକଡ ବି ତାର ଜନମ ବସାକେ ଛାଡିଦେଇ କରି କେନକେ ଜାଉଛେ ଜେ!

## କବିତା - କବିତା - କବିତା - କବିତା - କବିତା

### ଧାରେ ରକତ୍


**✹ କ୍ଷୀରୋଦ କୁଅଁର**

କାହାକେ ପଚ୍‌ରାବି
କେତେ ସୁଆଦ୍ ବଲି
ତାଜା ରକତ୍...
ଛେଲ୍, ମେଢ଼ି, ପୋଢ଼୍ କି କୁକ୍‌ରାର୍... ?

ଚୁପ୍‌ଚାପ୍ ଛିନୁଥିସୁ ବଲି
ତତେ ... ଦେବୀ
କି ତୋର୍ ନ ଭକ୍ତିର
ପର୍‌ସାଦ୍ ଚଢ଼ଉଥିବାର
ହାତ ମାନକୁଁ...,
କି ସେ ହାତ ମାନକଁର
କର୍‌ଜା ଶୁଝୁଥିବାର
ଦିହିଁ ମାନକୁଁ... ?

ଶେଷ୍ ଇଛା କାଏଁ ପଚ୍‌ରା ହେସି
ଜଁତୁ କି ଚରେଇମାନକୁଁ ?

ଭାଗ୍ୟେ ଥିଲେ ତ ମିଲ୍‌ସି
ଜୀବନ ଥି ଥରେ ଅଧେ
ଫୁଲ ମାଲେ ପିନ୍ଧାବାର,
ତୋର ପୂଜାର ପର୍‌ସାଦ୍
ଲିଆ ଜୁଗାର ଆରୁ
ଚରୁଚାଉଲ ଖାଏବାର ।



ମୁନୁଷର ତିହାର ଉଛବ
ଉସତ ମନେ ମନାବାର୍‌କେ
ଟୁଁଡୁ ଲାଲ ଥିପେଇ ଦେବାର କେ
ଚୁପ୍‌ଚାପ୍ ଥୁଇ ଦେସନ୍ ମୁଢ଼୍‌କେ
ଟାଙ୍ଗିର୍ ଧାର୍ ନ... ।

କାନ୍ ଫୁସ୍‌କି ଦେବାର ବଏସିରା କେ
କେବେଁ ତୋର୍ ଛାଡ୍‌ବୁ ମାଁ.. ?

ମତେ ତ
ନାଇଁ ଶୁଭେ ହେଲେ
ଶୁନ୍‌ଲା ଲୁକେ
ସିନେ କହେସନ୍
ଧାରେ ରକତ୍ ଥି ତୁଇ
ପର୍‌ସନ୍ ହେସୁ ବଲି !

କେଭେଁ କହେବୁ ଯଦିର୍
ମତେ ମୋର୍ କାନେ
ନାଇଁ ପାରେଁ ମାଁ ସଁସାରର
ମୋର ଲେଖେଁ
କେନ୍‌ସି ଜୀବ କେ
ଜବ୍‌ରନ୍
ତୋର ନ ଚଢ଼େଇ
ଭଲେ ବେଁକ୍‌କେ ମୋର
ଦେମି ଲମେଇ ।।

### ଠୋଲ୍ ହ'

**ଘନଶ୍ୟାମ ମେହେର**



ପେଟ ଖକ୍‌ଲେଇ ତମେ
ସେଁପୁଟ୍- ସେଁପୁଟ୍ ହେଲା ବେଲ୍‌କେ
ଚତୁର୍ ଲୁକେ ସଜେ ଘତେ
ତମର୍ ଠାନୁଁ ଲୁଟି ନଉଛନ୍
ରକତ୍, ବକତ୍...
ଠାନ୍, ମାନ୍.... ସବୁ ଯେତେ ।

ଜୀବନ୍ ଜଁଜାଲର ଝାରେ
ତମେ ଗୁପି ଗୁନ୍ଦ୍‌ଲି ରଢ଼ି ଛାଢ଼୍‌ଲା
ବେଲ୍‌କେ
ଅର୍‌କଲେ ପକେଇ ହେ' ଲୁକେ
ମଝି ଡାଁଢ଼େ
ଟଁଟି ମାଢ଼ିଦେସନ୍ ତମ୍‌କୁ ।

ତାକର୍ ବାଟ ସାଫ୍ କର୍‌ବାକେ
ତମ୍‌କୁ ଉବଟିଆ ହେବ୍‌ଲେଇ ଦେସନ୍
ତମର୍ ରକତ୍ ଥି
ତାକର୍ ଦେବ୍‌ତା କୁଠି ଚିତ୍‌ରାସନ୍
ତମର୍ ହାଢ଼୍ ଶିକାର୍ କୁହେଇ କରି
ତାକର୍ ଖେତେ ଖତ୍ ଦେସନ୍
ତମର୍ ବାପ୍ ଅଜା ପୁର୍‌ବା ପୁର୍‌ଷାର୍
ଜାଗ୍‌ରି ଜମିନ୍ ଥି
ତାକର୍ କାର୍‌ଖାନା ବସାସନ୍.... !

କାଏଁ ମହନି ଅଛେ ତାକର୍ କଥା ଥି ଯେ
ଭେଲ୍‌କି ଲାଗି ଯାଏସି ତମ୍‌କେ
କେ'ଜାନି....
ଚହଁରେଇ ଚହଁରେଇ ସୁଖର୍ ଫଲ୍
ଦୁଖ୍‌ର ଚୁଆଁ କେ କଢ଼େଇ ନେସନ୍
କଅଁଲେଇ କଅଁଲେଇ ଭୁର୍‌ତେଇ କରି
ତମର୍ ଭାଏତ୍ ହାଏଁଡ଼ କେ
ଚୁପି ଦେସନ୍....
କାଏଁ ମନ୍ତର ଜାନିଛନ୍ ହେ'ମାନେ
କେ'ଜାନି !

ଏ ଭାଏ ବହନେ
ଠୋଲ୍ ହ'
ଇ' ଚତୁର୍ ଲୁକର୍ ଚେହେରା କେ
ଚିନ୍‌ହ' ଯେ
ମୁନୁଷ ଲେଖେଁ ଜୀଇଁବ
ପରାନ୍ ଧରି ରହେବ !

ଏ ବା'
ଠାନ୍ ଗଲେ ପରାନ୍ ଯାଏସି...
ପିତ୍‌ରୁ ପୁର୍‌ଷାର ଜାଗ୍‌ରି ଜମିନ୍‌କେ
ଆବ୍‌ରି କରି ଧର
ଟଁକା ପଏସା କେ କାଏଁ
ଭାତ୍ ରାନ୍ଧିକରି ସପୋ ସପୋ ଖାଏବ ?
ସମିଆଁ ଥଉ ଥଉ
ଆଏ ଉପେ ଟିକେ କର !!

**ଜୀବନ ନୀଡ଼, ହରିହରନଗର**
**ଦିଗ୍‌ଶିରା, ସୁବର୍ଣ୍ଣପୁର**



## ପଢୁନ୍ ଆର୍ ପଢ଼ଉନ୍

୧୯୩୧ ମସିହା ଥି ଐତିହାସିକ ଶ୍ରୀ ଶ୍ରୀରାମଚନ୍ଦ୍ର ମଲ୍ଲିକଙ୍କ ଦ୍ୱାରା ଲିଖିତ ଆର୍ ପ୍ରକାଶିତ 'ସଂକ୍ଷିପ୍ତ କୋଶଳ ଇତିହାସ' ଆର୍ ୧୯୬୨ ମସିହା ଥି ଐତିହାସିକ ଶ୍ରୀ ଶିବପ୍ରସାଦ ଦାଶଙ୍କ ଦ୍ୱାରା ଲିଖିତ ଓ ପ୍ରକାଶିତ 'ସମ୍ବଲପୁର ଇତିହାସ' ଉତ୍‌ରୁ

**ସମୃଦ୍ଧ ଐତିହ୍ୟର ସଂପୂର୍ଣ୍ଣ ଇତିହାସ**

**ଶଶାଙ୍କ ଶେଖର ପଣ୍ଡାଙ୍କର**

**'ପଶ୍ଚିମ ଓଡ଼ିଶାର ସମୃଦ୍ଧ ଅତୀତ'**



# ଗପର ନାଁ ରବିବାର





ସୁକାନ୍ତ ସାହୁ
ଭବାନୀପାଟଣା
ମୋବାଇଲ୍ : ୯୪୩୭୭୦୦୦୩୭

ଶନିବାର ସକାଳୁ ସ୍କୁଲ ସରିଲା ପରେ ଆମ ଘର ଅନ୍ୟ ଦିନଠାରୁ ଅଲଗା ହୋଇଯାଏ । ସବୁ ଦିନ ପରି ମାଆ ବି କହିବା ଆରମ୍ଭ କରନ୍ତି କାଲି ରବିବାର । ବାପା ଆସିବେ, ତମେ ସବୁ ପ୍ରସ୍ତୁତ ହୋଇ ରହିଥିବ । କିଛି ବଦ୍‌ମାସୀ କରିବ ନାହିଁ । ମନଦେଇ ପାଠ ପଢ଼ିବ । ସେ ପଚାରିବାକୁ ଥିବା କନ୍‌ଭର୍‌ସେସନ୍ ସବୁ ମୁଖସ୍ଥ କରିଦେ । 'ବାଳକ' ଶବ୍ଦ ତୋର ଅଛି ତ ! ଲିପି, ବହିଥାକ ସବୁ ସଜାଇ ଦେ ଯେମିତି ବାପା ବିରକ୍ତ ନ ହୁଅନ୍ତି ।

ବାପା ଆସିବେ ବୋଲି ଆରମ୍ଭ ହୋଇଯାଏ ପ୍ରସ୍ତୁତି ପର୍ବ । ଲିପି ସଜାଇ ପକାଏ ବହି ଥାକ । ମାଆ ହାତରେ ଗୋଟେ ଲମ୍ୱା ଝାଡୁ ଧରି ସାତ ଦିନ ଭିତରେ ଘର କରିଥିବା ସବୁ ବୁଢ଼ିଆଣୀ/ମାଙ୍କଡ଼ସାଙ୍କ ଘରକୁ ପୋଛିଆଣେ । ମୋତେ ସଜାଇବାକୁ ହୁଏ ବଗିଚାରେ ଓହଳିଥିବା ମଧୁମାଳତୀ ଗଛ, ପାହାଚ କଡ଼ରେ ଉଠିଥିବା ଅନାବନା ଘାସ । ଖୁବ୍ ଜୋର୍‌ରେ ଟାଣି ଛିଣ୍ଡାଇବାକୁ ପଡ଼େ ପାହାଚ ତଳୁ ଢ଼େର୍ ଦିନରୁ ଉଠୁଥିବା ଗୋଟେ ବରଗଛକୁ, ଯାହାକୁ ମୁଁ ଅଷ୍ଟମ ପଢ଼ିଲା ବେଳୁ ବରାବର ଛିଣ୍ଡାଇ ଆସୁଛି ପ୍ରତି ଶନିବାର ।

ବାପା ଗୋଟିଏ ବହୁ ରାଷ୍ଟ୍ରୀୟ କଂପାନୀରେ ଚାକିରୀ କରନ୍ତି ଘରଠୁଁ ୫୦ ମାଇଲ୍ ଦୂରରେ । ସପ୍ତାହକ ଯାକ ତାଙ୍କର ଥାଏ କାମର ଭିଡ଼ । ସେ ସେଠି ରହନ୍ତି ଏକା । ମାଆ, ଲିପି ଓ ମୁଁ ରହୁ ଏଇଠି । ମୋର ଦଶମ, ଲିପିର ତୃତୀୟ । ସେଠି ତାଙ୍କର କାମ କରିବା ଛଡ଼ା ଆଉ କିଛି କରିବାର ନଥାଏ । ତେଣୁ ଦିନ ସିଫ୍‌ଟ କରିବା ସହ ସେ ଅଧିକାଂଶ ଦିନ ନାଇଟ୍ ସିଫ୍‌ଟ ବି କରନ୍ତି ।

ବାପା ଆଉ ମାଆଙ୍କର ଲଭ୍ ମେରେଜ୍ । ତେଣୁ ନା ବାପାଙ୍କ ଘରର କିଏ ନା ମାଆଙ୍କ ଘରର କିଏ ଆସନ୍ତି ଆମ ଘରକୁ । ହେଲେ ମୋତେ ଓ ଲିପିକୁ ଚକୋଲେଟ୍ ଦେଉଥିବା ଦାଢ଼ିଆ ଲୋକଟି ଯେ ମୋ ମାଆଙ୍କ ବାପା ଏ କଥା ସେଇ ଚକୋଲେଟ୍ ଦୋକାନୀ ହିଁ କହିଥିଲା । ଜେଜେ ବାପା କି ବାପାଙ୍କ ବଂଶର କାହାକୁ ଆମେ ଚିହ୍ନିନୁ । ବାପାମାଆଙ୍କ ଭିତରେ ଯେଉଁ ପାଟିତୁଣ୍ଡ ହୁଏ ସେ ଭିତରେ ଶୁଣିଛୁ ଯେ ବାପାଙ୍କ ବାପା କୁଆଡ଼େ ପ୍ରଚୁର ଲୋଭୀ । ମୋ ମାଆଙ୍କ ଘରେ ଯୌତୁକ ନ ଦେବାରୁ ଆଜିଯାଏ ତାଙ୍କୁ ଗ୍ରହଣ କରାଯାଇ ନାହିଁ ।

ଫି'ରାତି ଘରେ ଆମେ ଶୋଇ ପଡ଼ିବା ପରେ ମାଆ ଉଜାଗର ରହି ବାପାଙ୍କ ସହ ଫୋନ୍‌ରେ କଥାହୁଅନ୍ତି । କେତେବେଳେ ମାଆ ଶୁଅନ୍ତି ଆମେ ଜାଣୁନା, ହେଲେ ସ୍କୁଲ ରିକ୍ସାବାଲାର ଡାକରେ ଆମ ନିଦ ଭାଂଗେ । ମାଆ ମେସିନ୍ ପରି ଆମକୁ ପାଂଚ ମିନିଟ୍ ଭିତରେ ପ୍ରସ୍ତୁତ କରି ଦିଅନ୍ତି ।

ରବିବାର ସକାଳୁ ରିକ୍ସାବାଲା ଆସେନା ହେଲେ ମାଆଙ୍କ ନିଦ ଭାଂଗିଯାଏ । ମାଆ କବାଟ ଖୋଲିଲା ବେଳକୁ ବାପା ଗେଟ୍ ସେ ପାଖରେ ଠିଆ ହୋଇଥାନ୍ତି । ସେତେବେଳେ ବାପାମାଆଙ୍କ କଥାବାର୍ତ୍ତା ମୋତେ କିଚିରି ମିଚିରି କରୁଥାଏ ଘରଚଟିଆମାନଙ୍କ ଶବ୍ଦ ପରି ଲାଗେ । ସେ ଶବ୍ଦରେ ମୋ ନିଦ ଭାଂଗେ- ଦେଖେ, ଗୋଟେ ଚେୟାର ଉପରେ ବାପା ବସି, ମାଆଙ୍କୁ ତାଙ୍କ କୋଳରେ ବସାଇ ଗେଲ କରୁଛନ୍ତି । ସେତେବେଳେ ଘଣ୍ଟାରେ ସାତଟା ବାଜିଥାଏ । ମୋତେ ଲାଜ ଲାଗେ, ମୁଁ ମୁହଁ ଘୋଡ଼ାଇ ପକାଏ ଆଉ ଭଗବାନଙ୍କୁ ଡାକେ ଘଣ୍ଟା ଏଇଠି ଅଟକି ଯା'ନ୍ତା କି, ପୃଥିବୀ ଏଇଠି ସ୍ଥିର ହୋଇଯାନ୍ତା କି । ଚାଦର ତଳେ ମୁଁ ଶୋଇ ରହେ ମିଛ ନିଦରେ ।

କିନ୍ତୁ ସେପରି ହୁଏନା । ବାପାଙ୍କ ଡାକରେ ଉଠି ପଡ଼େ ମୁଁ । ଲିପି ବି ଉଠିପଡ଼େ । ଅଧୁଆ ମୁହଁରେ ବାପା ଆମକୁ ଗେଲ କରନ୍ତି । କହନ୍ତି – ପିଲାଏ ଆଜି ପାଠଶାଠ ସବୁ ବନ୍ଦ । ଆଜି ବାପା ଆସିଛନ୍ତି ଆଜି ଏନ୍‌ଜୟ । ସସ୍‌ପେନ୍‌ରେ ଉତୁରି ପଡୁଥିବା କ୍ଷୀରକୁ ଫୁଙ୍କୁ ଫୁଙ୍କୁ ମାଆ କହନ୍ତି ନା ସେମିତି ହେଇ ପାରିବନାହିଁ । ଆଗରେ ୟୁନିଟ୍ ଟେଷ୍ଟ ଅଛି ଆଜି ଖେଳାବୁଲା ସବୁ ବନ୍ଦ । ବାପା ପାଟି କରନ୍ତି, ହଁ ବର୍ଷ ସାରା ତ ପରୀକ୍ଷା ତା' ବୋଲି ଆଉ ଭଲମନ୍ଦ କିଛି ନାହିଁ ।

ବାପା ଚୁପ୍ ହୋଇ ଲିପିକୁ କୋଳରେ ଧରି କହନ୍ତି, ବଡ଼ ହେଲେ ତୁ କ'ଣ ହେବୁ ?

ସେ କହେ – ମାଆ କହିଛନ୍ତି ବଡ଼ ହେଲେ ମୁଁ ଇଂଜିନିୟର ହେବି । ବାପା କୁହନ୍ତି – ଇଂଜିନିୟର ନା ଚୋପା । ତୁ ବଡ଼ ହେଲେ ସାନିଆ ମିର୍ଜା ହେବୁ । ବଢ଼ିଆ ଖେଳିବୁ ମୋ ଦେଶର ନାଁ ରଖିବୁ ।

ମାଆ ବାପାଙ୍କ ହାତକୁ ଚା' କପ୍‌ଟା ବଢ଼େଇ ଦେଇ ଆରମ୍ଭ କରିଦିଏ ସପ୍ତାହ ଯାକର ଖବର । ପଡ଼ିଶା ଘରୁ ଆରମ୍ଭ ହୋଇଯାଏ ଚର୍ଚ୍ଚା । ପଡ଼ିଶା ଘର ମଉସା ମାଆଙ୍କୁ ରଡ଼ନିଆଁ ଆଖିରେ ଦେଖୁଛନ୍ତି । ସେଥିପାଇଁ ଘର ବଦଳାଇ ଅନ୍ୟ କେଉଁଠିକୁ ଚାଲିଯିବାକୁ ଚାହାଁନ୍ତି ।

ବାପା କିନ୍ତୁ ନାରାଜ ହୋଇ କହନ୍ତି, ଘର ବଦଳାଇବାର ଟେନ୍‌ସନ୍ କ'ଣ ତମେ ଜାଣ ? ତା'ଛଡ଼ା ତମେ କ'ଣ ଗ୍ୟାରେଣ୍ଟି ଦେଇ ପାରିବ ଯେ ସେ ନୂଆ ଜାଗାରେ ତମକୁ କେହି ଲୋଭିଲା ଆଖିରେ ଦେଖିବେ ନାହିଁ ? ତମେ ସୁନ୍ଦରୀ, ପ୍ରଚଣ୍ଡ ସୁନ୍ଦରୀ, ତମକୁ ପାଇବା ପାଇଁ ଯେ କେହି ପୁରୁଷ ଯାହା କିଛି ବି କରିବାକୁ ପ୍ରସ୍ତୁତ ହୋଇଯିବ । ମୋ କଥା ଦେଖ, ତମ ପାଇଁ ତ ମୁଁ ଦୁନିଆଁ ଛାଡ଼ି ଦେଇଛି ।

ମାଆ ଗେହ୍ଲେଇ ହୋଇ କହନ୍ତି, ଚୁପ୍ ପୂରା ଚୁପ୍, ତମେ ଦେଖିବ ବୋଲି ଆଉ କେହି ଦେଖୁ ତମେ ଏହା ଚାହଁ ! ଆରେ ବାବା ସେ କଥା ନୁହଁ ତମ ସୌନ୍ଦର୍ଯ୍ୟର ତାରିଫ୍ କରିବାକୁ ଯାଇ ମୁଁ ଯା' କହିଲି ନା ।

ମାଆ ପଡ଼ିଶା ଘର ମଉସାଙ୍କ ପ୍ରସଙ୍ଗରୁ ପୁଣି ଚାଲିଯାନ୍ତି ବଜାର ଦର ଭିତରକୁ, ଏତକ ଟଙ୍କାରେ ଘର ଚଳାଇବା ମୁସ୍କିଲ୍ ବୋଲି କହନ୍ତି । ବାପା କହନ୍ତି ଦର ବଢ଼ିବା ସହ ବଢ଼ି ଯାଇଛି ଦରମା । ବଢ଼ିଯାଇଛି ବଜାରରେ ଅନେକ ଅତ୍ୟାବଶ୍ୟକ ଦରବ । ବଢ଼ି ଯାଇଛି ଆମର ସୌକ । ବଢ଼ିଯାଇଛି ତମର ସଂଚୟ ନିଶା ।

ପୁଣି ଅରାଜି ହୁଅନ୍ତି ମାଆ । ଏମିତି କଥାର ସୁଅ ଭିତରେ ଆମ ଘର ହୋଇଯାଏ ରବିବାରମୟ । କଥା ଗୁମ୍ପା ଭିତରେ କୋଉଠିଥାଏ ବୁଢ଼ୀ ଅସୁରୁଣୀ ଫୁଙ୍କେ ମନ୍ତ୍ର, ବାପା ଫେରେଇ ନିଅନ୍ତି ଆଖି, ମାଆ ଭୁଲିଯାନ୍ତି ତାଙ୍କର ଗୋଟେ ପ୍ରେମ ବିବାହ ହୋଇଥିଲା, ସେ କାହାକୁ ଭଲ ପାଉଥିଲେ । ଆରମ୍ଭ କରନ୍ତି ଗାଳି, ବାପା ବି କିଛି କମ୍ ପଡ଼ିଯାନ୍ତି ନାହିଁ । ବାଜି ଉଠେ ଯୁଦ୍ଧର ବିଗୁଲ୍ ।


ଘରେ ଅରନ୍ଧା ପଡ଼ିଥାଏ ସଜକଟା ଖାସିର ମାଉଁସ । ଗ୍ରାଇଣ୍ଡର୍ ଭିତରେ ପଶି ରହିଥାଏ ଅଧାବଟା ମସଲା, ସକାଳରୁ ପ୍ରସ୍ତୁତ ହୋଇଥିବା ଜଳଖିଆ ଖାଇ ମୁଁ ଓ ଲିପି ଅନେଇ ରହିଥାଉ ରବିବାରର ପ୍ରକୃତ ରୂପ ଦେଖିବାକୁ ।

ଖଟ ଉପରେ ଶୋଇରହନ୍ତି ମାଆ । ଦାଣ୍ଡଘର ଦୁଆର ମୁହଁରେ ବସି ବାପା ଆରମ୍ଭ କରି ଦିଅନ୍ତି ସିଗାରେଟ୍ ପିଇବା । ଘର ଭିତରକୁ ପଶି ଆସୁଥାଏ ବାପାଙ୍କ ଛାତି ଭିତରର କୋହ । ପରାଜିତର ଗ୍ଳାନି ବାପାଙ୍କୁ ଆହୁରି ଆହୁରି ବ୍ୟସ୍ତ କରେ, ବାପା ସିଗାରେଟ୍ ପରେ ସିଗାରେଟ୍‌ରେ ନିଆଁ ଲଗାଇ ଚାଲନ୍ତି, ଦୁଃଖମାନଙ୍କ ପରି ଫିଙ୍ଗିଚାଲନ୍ତି ସିଗାରେଟ୍‌ର ବଟସ୍ ।

ସବୁକିଛି ଅସ୍ଥାୟୀ, ସବୁ କିଛି ସରିଯାଏ ଏଇ ଦୁନିଆରେ ସୁଖ ହେଉ କି ଦୁଃଖ । କେତେବେଳେ ମାଆ ଉଠି ଆସେ, ସଜାଡ଼ି ବସେ ଘର ଦୁଆର । ବାପାଙ୍କ ପାଖରୁ ସରିଯାଏ ସିଗାରେଟ୍, ମାଆ ପୁଣି ଡାକନ୍ତି ଲିପିକୁ, ମୋତେ, ବାପାଙ୍କୁ । ବାପା ଯାଇ ମାଆଙ୍କୁ ଆଲିଙ୍ଗନ କରି ଚୁମା ଦିଅନ୍ତି, ଆଉ କହନ୍ତି – ଆଜି ରବିବାର ନା ।

ଆମ ଘରକୁ ପଶି ଆସେ ପୁଣି ରବିବାର ତା' ହାତରେ ଖୁସିର ପସରା ଧରି । ସାରା ପରିବାର ସବୁ କିଛି ସପ୍ତାହ ଯାକର ଆମକୁ ଦେଇ ଦିଏ ଏଇ ରବିବାର ।





# ଆଜି ମଧ୍ୟ ଭାରତର ଏହି ଗାଁରେ ବହୁ ସଂଖ୍ୟକ ଯାଆଁଳା ଶିଶୁ ଜନ୍ମ ହୁଅନ୍ତି, ବୈଜ୍ଞାନିକମାନେ ବି ଏହାର କାରଣ ଜାଣିନାହାନ୍ତି



ନୂଆଦଲ୍ଲୀ : ଆଜିର ଆଧୁନିକ ସମୟରେ ମଧ୍ୟ ଦୁନିଆରେ ଅନେକ ଅଜବ ସ୍ଥାନ ବିଦ୍ୟମାନ, ଯାହା ରହସ୍ୟ ଭିତରେ ଛନ୍ଦି ହୋଇ ରହିଛି । ଏହି ପର୍ଯ୍ୟାୟରେ, ଏପରି ଏକ ଗାଁ ବିଷୟରେ ଜାଣିବା, ଯେଉଁଠାରେ ଯାଆଁଳା ଶିଶୁ ଅଧିକ ଜନ୍ମ ହୁଅନ୍ତି । ଆଶ୍ଚର୍ଯ୍ୟର କଥା, ଆଜି ପର୍ଯ୍ୟନ୍ତ କେହି ଏହି ରହସ୍ୟକୁ ଭେଦ କରି ପାରିନାହାଁନ୍ତି ।

ଆମ ଦେଶ ଭାରତର କେରଳ ରାଜ୍ୟର ଏକ ଗାଁ, ଯେଉଁଠାରେ ବହୁ ସଂଖ୍ୟକ ଯାଆଁଳା ଶିଶୁ ଜନ୍ମ ହୋଇଛନ୍ତି । ଏହି ଗାଁଟି 'ଟ୍ୱିନ୍ସ ଗାଁ' ବା 'ଟ୍ୱିନ୍ସ ଟାଉନ୍' ଭାବରେ ଜଣାଶୁଣା । କୁହାଯାଏ, ଏଠାରେ ସର୍ବାଧିକ ସଂଖ୍ୟକ ଯାଆଁଳା ଶିଶୁ ଜନ୍ମ ହୋଇଛନ୍ତି ।

କେରଳର ମାଲାପୁରାମ ଜିଲ୍ଲାର କୋଡିନ୍‌ହି ଗ୍ରାମରେ ଜନ୍ମ ହୋଇଥିବା ଅଧିକାଂଶ ପିଲା ଯାଆଁଳା ଶିଶୁ ଅଟନ୍ତି । ଏହି ଗ୍ରାମରେ ବର୍ତ୍ତମାନ ପର୍ଯ୍ୟନ୍ତ କେତେ ସୀତା-ଗୀତା, ରାମ-ଶ୍ୟାମ ଭଳି ନାମ ଧାରକ ଶିଶୁ ଜନ୍ମ ହୋଇଛନ୍ତି । ରିପୋର୍ଟ ଅନୁଯାୟୀ, ସମଗ୍ର ବିଶ୍ୱରେ ୧୦୦୦ ପିଲାଙ୍କ ମଧ୍ୟରେ ୪ ଯାଆଁଳା ଶିଶୁ ଜନ୍ମ ହୁଅନ୍ତି, କିନ୍ତୁ ଏହି ରହସ୍ୟମୟ ଗାଁରେ ୧୦୦୦ ପିଲାଙ୍କ ଭିତରେ ୪୫ ଯାଆଁଳା ପିଲା ଜନ୍ମ ହୋଇଥାନ୍ତି ।

ଜାଣି ଆଶ୍ଚର୍ଯ୍ୟ ହେବାକୁ ପଡ଼େ ଯେ, ବର୍ତ୍ତମାନ କେରଳର ଏହି ଗାଁରେ ପ୍ରାୟ ୩୫୦ ଯାଆଁଳା ଯୋଡ଼ି ଅଛନ୍ତି, ଯେଉଁଥିରେ ନବଜାତ ଶିଶୁ ଠୁ ନେଇ ୬୫ ବର୍ଷ ବୟସ୍କ ପର୍ଯ୍ୟନ୍ତ ଅଛନ୍ତି ।

ଯଦି ବର୍ତ୍ତମାନ ଏହାର ରେକର୍ଡ ବିଷୟରେ କୁହାଯିବ, ତେବେ ଏହି ଗାଁର ସ୍ଥାନ ଦୁନିଆରେ ଦ୍ୱିତୀୟରେ ରହିଛି, କିନ୍ତୁ ଏସିଆରେ ପ୍ରଥମ ସ୍ଥାନରେ ଅଛି । ସୂଚନାଯୋଗ୍ୟ ଯେ, ଏ କ୍ଷେତ୍ରରେ ଦୁନିଆର ପ୍ରଥମ ସ୍ଥାନରେ ଅଛି ନାଇଜେରିଆର ଇଗବୋ-ଓରା, ଯେଉଁଠାରେ ୧୦୦୦ ପିଲାଙ୍କ ମଧ୍ୟରେ ୧୪୫ ଯାଆଁଳା ଶିଶୁ ଜନ୍ମହୁଅନ୍ତି ।

# ଦୀର୍ଘ ୧୫ ଦିନ ହେଲା ଘୂରି ବୁଲୁଛନ୍ତି ହାତୀପଲ : ଅଂଚଳବାସୀ ଆତଙ୍କିତ



ଖପ୍ରାଖୋଲ, (ନିପ୍ର) : ବଲାଙ୍ଗିର ଜିଲ୍ଲା ଲାଠୋର ବନାଂଚଳ ଅଧୀନ ବେନ୍ଦେର ସଂରକ୍ଷଣ ଜଙ୍ଗଲରେ ଦୀର୍ଘ ୧୫ ଦିନ ହେଲା ଏକ ହାତୀପଲ ଘୂରି ବୁଲୁଥିବାରୁ ଅଂଚଳବାସୀ ଆତଙ୍କିତ ଅବସ୍ଥାରେ ଅଛନ୍ତି । ହାତୀପଲ ଏପର୍ଯ୍ୟନ୍ତ କୌଣସି ଜନ ଜୀବନ ହାନୀ କରି ନଥିଲେ ବି କେତେବେଳେ ଯେ କଣ ଘଟିବ କିଏ କହିପାରିବ ।

ଦିନବେଳେ ହାତୀପଲ ମାଗୁର ପାହାଡ ଘଂଚ ଜଙ୍ଗଲରେ ରହୁଥିବା ବେଳେ ସନ୍ଧ୍ୟା ହେଲେ ଜଙ୍ଗଲ ପାଖାପାଖି ଗାଁ ଗୁଡ଼ିକର ଫସଲ ଖାଇ ନଷ୍ଟ କରୁଛନ୍ତି । ଏପରି ଦେଖିବାକୁ ମିଳିଛି ଲାଠୋର ଗ୍ରାମରେ । ଲୋକେ ଅତ୍ୟନ୍ତ ଭୟଭୀତ ଅବସ୍ଥାରେ ରହିଥିବା କୁହାଯାଇଛି । ବନ ବିଭାଗ ତୁରନ୍ତ ପଦକ୍ଷେପ ନେବାକୁ ଦାବୀ ହେଉଛି ।

# ଖରିଫ ଧାନ କିଣାରେ ଅନିୟମିତତା : ଚାଷୀର ଧାନ ପେକ୍ସ ଗୋଦାମରେ, ବେପାର ଧାନ ମିଲ୍ ଭିତରେ



## – ୫ଟି ପେକ୍ସରେ ପଡି ରହିଛି ୬ ହଜାର ବସ୍ତା ଧାନ
## – ମଣ୍ଡି ଖୋଲିଛି, ଧାନ କିଣା ଆରମ୍ଭ ହୋଇନି
## – ୫ କେଜି କଟିଙ୍ଗ ପାଇଁ ଜିତ୍ ଧରିଛି ମିଲର୍ସ

ଦେଓଗାଁ, (ନିପ୍ର) : ରାଜ୍ୟ ସରକାରଙ୍କ ପକ୍ଷରୁ ଗତ ୧୮ ତାରିଖରୁ ଆନୁଷ୍ଠାନିକ ଭାବେ ଖରିଫ ଧାନ କିଣା ଆରମ୍ଭ ହୋଇଥିଲେ ମଧ୍ୟ ଦେଓଗାଁ ବ୍ଲକରେ ଏହି ନିୟମ କାର୍ଯ୍ୟକାରୀ ହୋଇନାହିଁ । ଯଦିଓ ବିଭିନ୍ନ ପ୍ରାଥମିକ କୃଷି ସମବାୟ ସମିତି(ପେକ୍ସ)କୁ ଜିଲ୍ଲାପାଳ, ଉପଜିଲ୍ଲାପାଳ ଓ ଡିଆରସିଏସ, ଏଆସିଏସ ପରିଦର୍ଶନ କରି ପେକ୍ସ ସଂପାଦକମାନଙ୍କୁ ତାଗିଦ୍ କରୁଛନ୍ତି, ତଥାପି ଏହା କିଛି ସଫଳ ହେଉ ନଥିବା ଚାଷୀ ମହଲରେ ଆଲୋଚନା ହେଉଛି । ଗଣମାଧ୍ୟମ ପକ୍ଷରୁ କରାଯାଇଥିବା ତଦନ୍ତ ଅନୁସାରେ ଦେଓଗାଁ ବ୍ଲକର ମୋଟ ୧୨ଟି ପେକ୍ସ ମଧ୍ୟରୁ କୁତୁର୍ଲା ପେକ୍ସରେ ୨୬୩୨ ବସ୍ତା, ରାମଚନ୍ଦ୍ରପୁରରେ ୯୭୦ ବସ୍ତା, ବଡବନ୍ଧରେ ୮୭୦ ବସ୍ତା, ଅର୍ଜୁନପୁରରେ ୮୦୮ ବସ୍ତା, ବନ୍ଧପଡାରେ ୭୭୦ ବସ୍ତା, ମହଲାଇରେ ୪୯୦ ବସ୍ତା ମୋଟ ୫ଟି ପେକ୍ସରେ ୬୫୪୦ ବସ୍ତା ଧାନ ଓଜନ ନହୋଇ ପଡିରହିଛି । କିଛି ପେକ୍ସରେ ଗାଡି ଲାଗିଥିବାରୁ ଧାନ ଓଜନ ହେବା ସମ୍ଭାବନା ଅଛି ବୋଲି ସଂପାଦକମାନେ କହିଛନ୍ତି । ଓଜନ ହୋଇ ନଥିବା ଧାନକୁ ଏଫଏକ୍ୟୁ ମାନର ଧାନ ନୁହେଁ, ତେଣୁ ବିନା କଟ୍‌ନୀରେ ଧାନ ଉଠାଯିବ ନାହିଁ ବୋଲି ମିଲର୍ସ କହୁଥିବାରୁ ଗୋଦମ ଓ ଗୋଦାମ ବାହାରେ ଧାନ ବସ୍ତା ପଡିରହିଥିବା ଅଭିଯୋଗ ହେଉଛି । ଏ ସଂକ୍ରାନ୍ତରେ ମିଲର୍ସମାନଙ୍କୁ ପଚାରିଲେ ଚାଷୀ ସହ ଆମ ସମ୍ପର୍କ ନାହିଁ ବୋଲି କହୁଛନ୍ତି ।

ସୂଚନା ଅନୁସାରେ ଦେଓଗାଁ ପେକ୍ସରେ ଗତ ୨୫ ତାରିଖରୁ ୨ତାରିଖ ମଧ୍ୟରେ ୨୧ ଜଣ ଚାଷୀଙ୍କ ୧୨୯୪.୧ କ୍ୱିଣ୍ଟାଲ ଧାନ ସିଧାସଳଖ ମିଲକୁ ଯାଇଥିବା ପେକ୍ସ ସଂପାଦକ ରଘୁମଣୀ ବାରିକ କହିଛନ୍ତି । ବିନା ଓଜନରେ ପେକ୍ସକୁ କେମିତି ଗଲା ବୋଲି ପଚାରିବାରୁ ଚାଷୀମାନଙ୍କ ଲିଖିତ ସମ୍ମତି କ୍ରମେ ଯାଇଛି ବୋଲି କହୁଛନ୍ତି । ଅନ୍ୟ ପକ୍ଷରେ ଧାନ ବସ୍ତା ଓଜନ ଓ ଗାଡିରେ ଲୋଡ କରିବା ବାବଦରେ ବସ୍ତା ପ୍ରତି ୪ ଟଙ୍କା ୪୬ ପଇସା ହିସାବରେ ୫୭୭୧ଟଙ୍କା ପାଇବାରୁ ବଂଚିତ ହେଲେ ବୋଲି ଦେଓଗାଁ ପେକ୍ସରେ ଓଜନ କରିବାକୁ ଅପେକ୍ଷା କରିଥିବା ହେମାଲିମାନେ କହିଛନ୍ତି । ସେହିପରି ୧୮ ତାରିଖରୁ ବର୍ତ୍ତମାନ ସୁଦ୍ଧା ଦେଓଗାଁରେ ୧୨୯୪.୧ କ୍ୱିଣ୍ଟାଲ, ସାରସମାଲରେ ୫୫୯ କ୍ୱିଣ୍ଟାଲ, ଧଣ୍ଡାମାଲରେ ୬୦୪ କ୍ୱିଣ୍ଟାଲ, ଗୌଡଗୋଠରେ ୨୮୪ କ୍ୱିଣ୍ଟାଲ, ମହଲାଇରେ ୧୧୫୫ କ୍ୱିଣ୍ଟାଲ, ଜରାସିଂହାରେ ୧୨୨୬.୫୧ କ୍ୱିଣ୍ଟାଲ ମୋଟ ୭ଟି ପେକ୍ସରୁ ୫୧୨୨.୫୨କ୍ୱିଣ୍ଟାଲ ବିଭିନ୍ନ ମିଲକୁ ଧାନ ଯାଇଥିବା ଜଣାପଡିଛି । ସେହିପରି ମିଲ ମାଲିକ ସହ ସଲାସୁତୁରା କରି ଚାଷୀର ଗାଡିରେ ମିଲ୍‌କୁ ପରିବହନ କରୁଥିବା ଯୋଗୁଁ ଚାଷୀ ଖର୍ଚ୍ଚାନ୍ତରେ ପଡୁଥିବା ଅଭିଯୋଗ ହେଉଛି । ଅର୍ଜୁନପୁର ଓ କୁତୁର୍ଲା ମଣ୍ଡିରେ କ୍ୱିଣ୍ଟାଲ ପ୍ରତି ୫ କେଜି କଟନିରେ ଧାନ ଉଠାଇବାକୁ ମିଲର୍ସ ଅଡି ବସିଛି । କୁତୁର୍ଲା ପେକ୍ସ ଅଧୀନରେ ଥିବା କୁତୁର୍ଲା ଓ ହାତୀସରା ପଂଚାୟତର ଚାଷୀମାନେ କୁତୁର୍ଲା କୋଶଳ ଆଂଚଳିକ ଚାଷୀ କମିଟି ଗଠନ କରି ଧାନ ମିଲ୍‌କୁ ଯିବା ସହ ବିଭିନ୍ନ ନିଷ୍ପତ୍ତି କରିବା ପୂର୍ବରୁ ଏହି କମିଟିକୁ ଜଣାଇବାକୁ ସଂପାଦକଙ୍କୁ ଲିଖିତ ଭାବେ ଜଣାଇଛନ୍ତି ।

# ଆବର୍ଜନା ସାଉଁଟି ପେଟ ପୋଷୁଥିବା ମଣିଷ



ବଲାଙ୍ଗିର, (ନିପ୍ର) : ଆଜି ମଧ୍ୟାହ୍ନରେ ଶାନ୍ତିପଡ଼ା ଛକ ଦେଇ ଫଟା ଟିଣ, ପ୍ଲାଷ୍ଟିକ୍, ପରିତ୍ୟକ୍ତ ବୋତଲ, କାଚ ଆଦି ବୋଝେଇ ଜଣେ ୧୪ କି ୧୫ ବର୍ଷର ଜଣେ ବାଳକ ଏକ ରିକ୍‌ସା ଟାଣି ଟାଣି ସହର ଆଡ଼କୁ ନେଉଥିବା ବେଳେ ଅଳିଆ ଆବର୍ଜନା ଭରା ଜରିବସ୍ତା ଗୁଡ଼ିକ ଉପରେ ବସିଥିଲା ତାର ମା' । ସେମାନେ ଏଇ ଜୀବିକାରେ ହିଁ ପେଟ ପୋଷୁଥିବା କହିଛନ୍ତି । ବିଭିନ୍ନ ସ୍ଥାନରୁ ଏଭଳି ପରିତ୍ୟକ୍ତ ଅଳିଆ ଆବର୍ଜନା ଗୋଟାଇଲେ ଏମାନଙ୍କ ପେଟ ପୂରେ । ସକାଳୁ ମା' ପୁଅ ବାହାରି ଯାଆନ୍ତି ଅଳିଆ ଆବର୍ଜନା ଗଦା ହେଉଥିବା ସ୍ଥାନଗୁଡ଼ିକୁ ଏବଂ ସେଥିରୁ ଟିଣ, ପ୍ଲାଷ୍ଟିକ, ଜରି, କାଗଜ, କାଚ ବୋତଲ ସବୁ ଗୋଟେଏ ଅଲଗା ଅଲଗା କରି ଅଖାରେ ଭରନ୍ତି ଓ ରିକ୍‌ସାରେ ଲୋଡ୍ କରି କବାଡ଼ି ଦୋକାନକୁ ନିଅନ୍ତି । ସେଥିରୁ ଯାହା ଅର୍ଜନ ହୁଏ, ସେଥିରେ ତାଙ୍କର ପେଟ ପୋଷନ୍ତି । ଏଠାରେ ବଡ଼ କଥା ହେଲା, ବର୍ତ୍ତମାନ ସମୟରେ କରୋନାର ସଂକ୍ରମଣ ଯୋଗୁଁ ଲୋକେ ଘରୁ ବାହାରକୁ ବାହାରିବା ବେଳେ ସଂକ୍ରମଣ ଭୟରେ ମୁହଁରେ ମାକ୍ସ ଲଗାଉଥିବା ବେଳେ ସରକାରଙ୍କ ଡାକରା ଅନୁସାରେ ବାରମ୍ବାର ହାତ ଧୋଉଛନ୍ତି, ସେନିଟାଇଜର୍‌ରେ ହାତ ପୋଛୁଛନ୍ତି, ସାମାଜିକ ଦୂରତା ରକ୍ଷା କରିବା କଥା ଚିନ୍ତା କରୁଛନ୍ତି; କିନ୍ତୁ ଏମାନଙ୍କ ପାଇଁ ଏସବୁ ପ୍ରତି ନଜର୍ ହିଁ ନାହିଁ । କେବଳ ଭୋକ ମେଣ୍ଟେଇବା ଯେମିତି ତାଙ୍କର ଏକମାତ୍ର ଲକ୍ଷ୍ୟ । ସଂକ୍ରମଣର ଗନ୍ତାଘର ଅଳିଆ ଆବର୍ଜନା ଅଣ୍ଡାଳି ସାଉଁଟୁଛନ୍ତି ନିଜର ଭାଗ୍ୟ । ଡଷ୍ଟବିନ୍‌ରେ ଗଚ୍ଛିତ ତାଙ୍କ ପାଇଁ ଭୋକର ଭୂଗୋଳ ।

# ବୁଦା ଭିତରେ ମହିଳାଙ୍କ ଅର୍ଦ୍ଧଦଗ୍ଧ ମୃତ ଦେହ

ଭଞ୍ଜନଗର : ବୁଦା ଭିତରୁ ମହିଳାଙ୍କ ଅର୍ଦ୍ଧଦଗ୍ଧ ମୃତ ଦେହ ଠାବ ହୋଇଛି । ଗଞ୍ଜାମ ଜିଲ୍ଲା ସୋରଡା ଥାନା ବଜରଗୁମା ଗ୍ରାମ ନିକଟ ଏକ ବୁଦା ଭିତରୁ ଜଣେ ମହିଳାଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ଉଦ୍ଧାର ହୋଇଥିବା ବେଳେ ଘଟଣାସ୍ଥଳରେ ସୋରଡା ପୁଲିସ୍ ପହଂଚି ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଦେଇଛନ୍ତି । ସ୍ଥାନୀୟ ଲୋକେ ଏହି ବାଟ ଦେଇ ଯାଉଥିବା ବେଳେ ଦୁର୍ଗନ୍ଧ ହେବାରୁ ଖୋଜା ଖୋଜି କରିଥିଲେ ଓ ନିକଟସ୍ଥ ବୁଦାମୂଳେ ଜଣେ ମହିଳାଙ୍କ ମୃତଦେହ ପଡିଥିବା ଦେଖିବାକୁ ପାଇଥିଲେ । ମୃତ ମହିଳାଙ୍କ ମୁହଁ ସମ୍ପୂର୍ଣ୍ଣ ପୋଡି ଯାଇଥିବାରୁ ବର୍ତ୍ତମାନ ସୁଦ୍ଧା ମହିଳାଙ୍କ ପରିଚୟ ଜଣାପଡି ନଥିବା କୁହାଯାଉଛି । ତାଙ୍କ ବୟସ ୨୫ରୁ ୩୦ ବର୍ଷ ମଧ୍ୟରେ ହେବ ଏବଂ ସେ ବିବାହିତା ବୋଲି ଜଣାପଡିଛି ।







Printed, Published & Owned by Ananda Chandra Sahu at Anand Printers, Shantipara, Bolangir & Edited by Ananda Chandra Sahu, Shantipara, Bolangir-767002, Ph.(06652)250251, Mobile : 9437151062, 8249183745, email : manmay2008@rediffmail.com, koshalaprabaha@gmail.com



ସଂପାଦକ : ଆନଂଦ ଚଂଦ୍ର ସାହୁ
Editor : Ananda Chandra Sahu